# ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ

# ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ

## ଲକ୍ଷ୍ୟ

ଭଗବାନ୍ ଏକ । ସୃଷ୍ଟି ଉଦ୍ଦେଶ୍ୟରେ ନିଜେ ବହୁରୂପେ ପ୍ରକାଶିତ ହୋଇଛନ୍ତି । ସେ ଅଖଣ୍ଡ ଜ୍ଞାନ, ଆନନ୍ଦ ତଥା ଶକ୍ତିସ୍ୱରୂପ । ନିଜ ଯୋଗମାୟା ଦ୍ୱାରା ନିଜକୁ ଆବୃତ କରି ଏକେବାରେ ଅନ୍ଧକାର ଜଡ଼ ଅଜ୍ଞାନରେ ବୁଡି ଯାଇଥିଲେ । କ୍ରମଶଃ ତରୁତୃଣ ଓ ପଶୁପକ୍ଷୀ ମଧ୍ୟଦେଇ ସେ ମନୁଷ୍ୟରେ ଉପନୀତ ହୋଇଅଛନ୍ତି । ଏହି ବହୁରୂପ ମଧ୍ୟରେ ନିଜକୁ ପ୍ରକାଶ କରିବା ତାଙ୍କ ସୃଷ୍ଟିର ଲୀଳା । କିନ୍ତୁ ନିଜକୁ ସେ ତରୁତୃଣ ଓ ପଶୁପକ୍ଷୀ ଆଦିରେ ପୂର୍ଣ୍ଣତଃ ପ୍ରକାଶ କରିବା ସମ୍ଭବ ନୁହେଁ । ଏହା ସମ୍ଭବ ହୁଏ କେବଳ ମନୁଷ୍ୟ ମଧ୍ୟରେ । ମନୁଷ୍ୟର ମାନସ ବିକାଶ ଶେଷ ହୋଇଛି । ବର୍ତ୍ତମାନ ଅତିମାନସ ଚେତନାରେ ଭଗବାନଙ୍କୁ ପ୍ରକାଶ କରିବାର ସମୟ ଆସିଛି । ଏଥିରେହିଁ ହେବ କର୍ମ ଏବଂ ଅଧ୍ୟାତ୍ମ ସତ୍ୟର ମିଳନ । ଜୀବନର ହେବ ସର୍ବାଙ୍ଗୀଣ ବିକାଶ ଏବଂ ପୂର୍ଣ୍ଣତା । ଏହାହିଁ ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ବା କର୍ତ୍ତବ୍ୟ । ମନୁଷ୍ୟ ମଧ୍ୟରେ ଏହି ଲକ୍ଷ୍ୟ ସିଦ୍ଧ କରିବା ସକାଶେ ମା'ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏଠାରେ ଉତାରି ଆଣିଅଛନ୍ତି । ବ୍ୟକ୍ତି ସଚେତ ହୋଇ ଏହି ଅତିମାନସ ଶକ୍ତିକୁ ଗ୍ରହଣ କଲେ ନିଜ ଜୀବନର ସର୍ବାଙ୍ଗୀଣ ବିକାଶର ଲକ୍ଷ୍ୟ ସିଦ୍ଧ କରିପାରିବ । ଏହାହିଁ ଭଗବାନଙ୍କର ସଂକଳ୍ପ ଏବଂ ସୃଷ୍ଟିର ଉଦ୍ଦେଶ୍ୟ ।

ପ୍ରଶ୍ନ : ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ କ'ଣ ?

ଉତ୍ତର : ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ଦୁଃଖକଷ୍ଟ ଓ ଦ୍ୱନ୍ଦ୍ୱରୁ ମୁକ୍ତି ତଥା ପରମସୁଖ ପ୍ରାପ୍ତି ଏବଂ ଜୀବନର ପୂର୍ଣ୍ଣତା । ଏହା ସିଦ୍ଧ ହୁଏ ବ୍ୟକ୍ତିର ମନ, ପ୍ରାଣ, ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେଲେ । ତେବେ ସେ ରୋଗ, ଜରା ଓ ମୃତ୍ୟୁରୁ ମୁକ୍ତ ହୋଇ ଅଧ୍ୟାତ୍ମ ସତ୍ୟ ଭିତ୍ତିରେ କର୍ମ କରି ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି କରିପାରେ ।

## ଭଗବାନଙ୍କ ଅସ୍ତିତ୍ୱ

ପ୍ରଶ୍ନ : ଭଗବାନଙ୍କର କ'ଣ ପ୍ରକୃତରେ କୌଣସି ଅସ୍ତିତ୍ୱ ଅଛି ? ଯଦି ଥାଆନ୍ତା, ତେବେ ଆଜି ଆମ୍ଭେମାନେ ଦେଖି ପାରୁଥା'ନ୍ତୁ । ଯଦି ଭଗବାନଙ୍କ ଅସ୍ତିତ୍ୱ ସ୍ୱୀକାର କର, ତେବେ ତୁମେ କ'ଣ ତାଙ୍କୁ ଦେଖାଇ ଦେଇ ପାରିବ ? ଆଜିକାଲି ଏହି ବୁଦ୍ଧିପ୍ରଧାନ ଯୁଗରେ ତୁମ କହିବାରେ ଅନ୍ଧବିଶ୍ୱାସୀ ମୂର୍ଖଙ୍କ ପରି ଭଗବାନଙ୍କୁ ଆମେ ବିଶ୍ୱାସ କରିବୁ କିପରି ?

ଉତ୍ତର : କ'ଣ ନ ଦେଖିଲା ବସ୍ତୁକୁ ବିଶ୍ୱାସ କରନ୍ତି ନାହିଁ ? ଯେତେବେଳେ ପ୍ରଥମ ବିଶ୍ୱ-ଯୁଦ୍ଧରେ ୟୁରୋପରେ ବାୟୁଯାନ ଆବିଷ୍କାର ହୋଇଥିଲା ସେତେବେଳେ ନିଶ୍ଚୟ ତାହା ଦେଖି ନ ଥିବେ । ଖବର କାଗଜରେ ଯେତେବେଳେ ପଢ଼ିଲେ, ସେତେବେଳେ କ'ଣ ଏହାହିଁ କହିଥିଲେ – ''ଆମ୍ଭେ ଯେପର୍ଯ୍ୟନ୍ତ ବାୟୁଯାନ ନ ଦେଖିଛୁ ସେପର୍ଯ୍ୟନ୍ତ ବିଶ୍ୱାସ କରିବୁ ନାହିଁ, ବାୟୁଯାନ ଆଣି ଦେଖାଅ ।'' ପରମାଣୁ ବୋମା ଆଜି ପର୍ଯ୍ୟନ୍ତ ଆପଣ ଦେଖି ନ ଥିବେ । ଏହାକୁ ନ ଦେଖି ବିଶ୍ୱାସ କରୁଛନ୍ତି କି ନାହିଁ ?

ପ୍ରଶ୍ନ : ଆମେ ନ ଦେଖିଲେ ମଧ୍ୟ ପରମାଣୁ ବୋମା ଅନ୍ୟ ଲୋକ ଦେଖି ଅଛନ୍ତି । ସେହି ସକାଶେ ଆମେ ବିଶ୍ୱାସ କରୁଛୁ ।

ଉତ୍ତର : ତୁମରି କହିବା ଅନୁସାରେ ଭଗବାନଙ୍କୁ ତୁମେ ନ ଦେଖିଲେ ମଧ୍ୟ ଧ୍ରୁବ, ପ୍ରହ୍ଲାଦ, ସମର୍ଥ ରାମଦାସ, ତୁଳସୀ ଦାସ, ଭକ୍ତ ଜୟଦେବ, ଜଗନ୍ନାଥ ଦାସ, ବଳରାମ ଦାସ, ରାମକୃଷ୍ଣ ପରମହଂସ ଏବଂ ବିବେକାନନ୍ଦ ଆଦି ବହୁତ ଭକ୍ତ, ଋଷି, ମୁନି ଓ ମା' ଶ୍ରୀଅରବିନ୍ଦ ଦେଖିଛନ୍ତି ଏବଂ ସେହିମାନେ ଭଗବତ୍ ଅସ୍ତିତ୍ୱ ପ୍ରତିପାଦନ କରିଅଛନ୍ତି ।

ତୁମେ ଯେପରି ପରମାଣୁ ବୋମା ଓ ବାୟୁଯାନ ଆଦି ନ ଦେଖି ଏହାକୁ ଦେଖିଥିବା ଲୋକଙ୍କ କହିବା ଏବଂ ଖବର କାଗଜ ଲେଖାରେ ବିଶ୍ୱାସ କରିଛ, ସେହିପରି ଭଗବାନଙ୍କୁ ଯେଉଁମାନେ ଦେଖିଛନ୍ତି ସେମାନଙ୍କ କହିବା ଏବଂ ସେମାନଙ୍କ ଲେଖା ଶାସ୍ତ୍ରକୁ ବିଶ୍ୱାସ କରିବା ଉଚିତ । ତୁମେ ଯଦି ପରମାଣୁ ବୋମା ଓ ବାୟୁଯାନକୁ ଖବରକାଗଜରେ ପଢ଼ି ବିଶ୍ୱାସ ନ କରି ନିଜେ ଦେଖିବାକୁ ଚାହିଁଥାଆନ୍ତ, ତେବେ ବାୟୁଯାନ ଓ ପରମାଣୁ ବୋମା ଯେଉଁଠାରେ ଦେଖାଯିବ, ତାହାର ସନ୍ଧାନ ଯେଉଁମାନେ ଜାଣନ୍ତି, ସେମାନଙ୍କୁ ପଚାରି, ସେମାନଙ୍କ ନିର୍ଦ୍ଦେଶ ଅନୁସାରେ ସେ ସ୍ଥାନକୁ ଯାଇ ଦେଖିପାରିଥାଆନ୍ତ । ଦେଖିଥିବା ବ୍ୟକ୍ତି ତୁମ ଘରକୁ ଆଣି ବାୟୁଯାନ ଓ ପରମାଣୁ ବୋମା ଦେଖାଇ ନ ଥାନ୍ତେ । ସେହିପରି ତୁମେ ଯଦି ଭଗବାନଙ୍କୁ ଦେଖିବାକୁ ଚାହିଁବ ତେବେ ଯେଉଁମାନେ ଭଗବାନଙ୍କୁ ଦେଖିଛନ୍ତି ସେମାନଙ୍କ ନିର୍ଦ୍ଦେଶ ଅନୁସାରେ କର୍ମ ଆଚରଣ କଲେ ଦେଖିପାରିବ । ଏହା ନ କରି ଭଗବାନଙ୍କୁ କେଉଁ ସକାଶେ ଅବିଶ୍ୱାସ କରୁଛ ?

ଉଦରପୋଷଣ ଓ ପରିବାର ପାଳନ ସକାଶେ ବାଲ୍ୟ ଅବସ୍ଥାରୁ ପଚିଶ ବର୍ଷ ବୟସ ପର୍ଯ୍ୟନ୍ତ ଯେବେ କଠିନ ପରିଶ୍ରମ କରି ପଢ଼ ତେବେ ସେ କାର୍ଯ୍ୟ ସିଦ୍ଧ କରିପାର । କିନ୍ତୁ ଜୀବନର ଲକ୍ଷ୍ୟ ଯେଉଁ ଭଗବାନ୍, ଯାହାଙ୍କ ପ୍ରାପ୍ତିରେ ସମସ୍ତ ପ୍ରକାର ଦୁଃଖ ଓ ଦ୍ୱନ୍ଦ୍ୱର ନିବୃତ୍ତି ହୁଏ, ତାଙ୍କ ସକାଶେ କିଛି କରିବାକୁ ହେବ ନାହିଁ, ତୁମେ ବସି ବସି ଶୁଖିଲା କଥା କହିବ, ଅଥଚ ତୁମ ସମ୍ମୁଖରେ ଅନ୍ୟ ଲୋକ ଭଗବାନଙ୍କୁ ଆଣି ଛିଡ଼ା କରିଦେବେ ?

ପ୍ରଶ୍ନ : ତୁମ କହିବା ଯୁକ୍ତିଯୁକ୍ତ ମନେ ହେଉଛି; କିନ୍ତୁ ସନ୍ଦେହ ଦୂର ହେଉ ନାହିଁ । ଭଗବାନଙ୍କର ଅସ୍ତିତ୍ୱ ଥିଲେ ସଂସାରରେ ଅଧିକ ସଂଖ୍ୟାରେ ଲୋକେ ବିଶ୍ୱାସ କରନ୍ତେ ନାହିଁ କାହିଁକି ?

ଉତ୍ତର : ଯେଉଁ ସତ୍ୟ ସମ୍ବନ୍ଧେ ଅଧିକ ସଂଖ୍ୟାରେ ବ୍ୟକ୍ତି ଅନଭିଜ୍ଞ ଥାଆନ୍ତି ସେମାନେ ସେହି ସତ୍ୟକୁ ବିଶ୍ୱାସ କରନ୍ତି ନାହିଁ । ଅଧିକ ଅନଭିଜ୍ଞ ବ୍ୟକ୍ତିଙ୍କ ଅବିଶ୍ୱାସରେ ସତ୍ୟ କେବେ ଅସତ୍ୟ ହୁଏ ନାହିଁ ।

ମାଡ୍ରାସ ପ୍ରାନ୍ତରେ କୁଳୀନ ତଥା ବିଦ୍ୱାନ୍ ବ୍ରାହ୍ମଣ ଘରେ ମାମୁ ସହ ଭାଣିଜୀର ବିବାହ ହୁଏ । କିନ୍ତୁ ଭାରତର ଅନ୍ୟ ସମସ୍ତ ପ୍ରାନ୍ତରେ ଭାଣିଜୀ ମାମୁର କନ୍ୟାତୁଲ୍ୟା ବିବେଚିତା ହୁଏ । ମାମୁ-ଭାଣିଜୀ ବିବାହ ଶୁଣିବା ମାତ୍ରେ ସେମାନେ କାନରେ ହାତ ଦେବେ ତଥା ନିଶ୍ଚିତରୂପେ ଅବିଶ୍ୱାସ କରିବେ । ଦକ୍ଷିଣ ଭାରତ ତୁଳନାରେ ଭାରତର ଅନ୍ୟାନ୍ୟ ଅଧିକ ସଂଖ୍ୟାରେ ବ୍ୟକ୍ତି ଏହି ସତ୍ୟକୁ ବିଶ୍ୱାସ ନ କଲେ ମଧ୍ୟ ଏହି ସତ୍ୟ କେବେ ବି ଅସତ୍ୟ ହୋଇପାରେ ନାହିଁ । ଅତଏବ ଭଗବାନଙ୍କ ସମ୍ବନ୍ଧେ ଅଧିକ ସଂଖ୍ୟକ ଅଜ୍ଞ ବ୍ୟକ୍ତି ତାଙ୍କଠାରେ ବିଶ୍ୱାସ ନ କରିବା ଦ୍ୱାରା ଭଗବାନଙ୍କ ଅସ୍ତିତ୍ୱରେ କୌଣସି ତ୍ରୁଟି ହୁଏ ନାହିଁ ।

ପ୍ରଶ୍ନ : ତୁମ ଉତ୍ତର ଯୁକ୍ତିଯୁକ୍ତ ହେବା ସତ୍ତ୍ୱେ ମୁଁ ସନ୍ତୁଷ୍ଟ ହୋଇପାରୁ ନାହିଁ । ଯଦି ମୂର୍ଖ ଅଜ୍ଞାନୀ ବ୍ୟକ୍ତି ଭଗବାନଙ୍କୁ ଅବିଶ୍ୱାସ କରୁଥାଆନ୍ତେ ତେବେ ସେଥିରେ କିଛି ଭାବିବାର ନ ଥିଲା । କିନ୍ତୁ ଅଧିକାଂଶ ବଡ଼ ବଡ଼ ବିଦ୍ୱାନ୍, ବିଜ୍ଞାନବେତ୍ତା ତଥା ବଡ଼ ବଡ଼ ନେତାମାନେ ଭଗବାନଙ୍କୁ ବିଶ୍ୱାସ କରୁ ନାହାନ୍ତି । ଏମାନଙ୍କର ବୁଦ୍ଧି ଯଥେଷ୍ଟ ବିକାଶପ୍ରାପ୍ତ ହୋଇଛି । ଭଗବାନଙ୍କର ଅସ୍ତିତ୍ୱ ଥିଲେ ଏମାନେ ସ୍ୱୀକାର କରନ୍ତେ ନାହିଁ କାହିଁକି ?

ଉତ୍ତର : ତୁମ ଦୃଷ୍ଟିରେ ବଡ଼ ବଡ଼ ବିଦ୍ୱାନ୍, ବିଜ୍ଞାନବେତ୍ତା ଓ ନେତାମାନେ ସର୍ବଜ୍ଞ; କିନ୍ତୁ ବ୍ୟାସ, ବାଲ୍ମୀକି, ଭଗବାନ୍ ଶ୍ରୀରାମ, ଭଗବତ୍ ଗୀତାର ଉପଦେଷ୍ଟା ଭଗବାନ୍ ଶ୍ରୀକୃଷ୍ଣ, ସମର୍ଥ ରାମଦାସ, ପରମହଂସ ଶ୍ରୀରାମକୃଷ୍ଣ, ସ୍ୱାମୀ ବିବେକାନନ୍ଦ ଓ ଶ୍ରୀଅରବିନ୍ଦ ପ୍ରଭୃତିଙ୍କର କୌଣସି ଗୁରୁତ୍ୱ ନାହିଁ ? ତୁମେ ଯେଉଁ ବିଦ୍ୱାନ୍, ବିଜ୍ଞାନବେତ୍ତା ଏବଂ ନେତାମାନଙ୍କ ବିଷୟରେ କହିଲ, ସେମାନଙ୍କର ଭଗବାନଙ୍କ ସମ୍ବନ୍ଧେ କୌଣସି ଗବେଷଣା ନ ଥାଇ କେବଳ ଅବିଶ୍ୱାସ କରିବାଟା ତୁମ ପକ୍ଷରେ ବେଦର ବାକ୍ୟ ହେଲା । ଅଥଚ ଯେଉଁମାନେ ଭଗବାନଙ୍କୁ ବହୁ ତପସ୍ୟା କରି ଖୋଜିଛନ୍ତି, ଦେଖିଛନ୍ତି ଓ ପାଇଛନ୍ତି ସେମାନଙ୍କ କହିବା ଓ ଲେଖିବାର କୌଣସି ମୂଲ୍ୟ ରହିଲା ନାହିଁ ?

ତୁମେ ବେମାର ହେଲେ ଜଣେ ଡାକ୍ତରଙ୍କ ପାଖକୁ ଯାଅ ନା ଜଣେ ଓକିଲ ପାଖକୁ ଯାଅ ? ଜଣେ ଡାକ୍ତର ପରୀକ୍ଷା କରି ରୋଗ ଚିହ୍ନି ତାହାକୁ ଯକ୍ଷ୍ମା ରୋଗ ବୋଲି କହିଲେ ତାଙ୍କ କଥା ବିଶ୍ୱାସ କରିବ ନା କୋର୍ଟରେ ଜବାବସୁଆଲ କରୁଥିବା ଓକିଲ ରୋଗ ସମ୍ବନ୍ଧେ ନ ଜାଣି ଯକ୍ଷ୍ମାକୁ କ୍ୟାନ୍ସର ବୋଲି କହିଲେ ତାଙ୍କ ବାକ୍ୟ ଶିରୋଧାର୍ଯ୍ୟ କରିବ ?

ଯେଉଁ ବିଦ୍ୱାନ୍, ବିଜ୍ଞାନବେତ୍ତା ଓ ନେତାମାନଙ୍କ କଥା କହୁଛ, ସେମାନେ ନିଜ କାର୍ଯ୍ୟରେ ଏତେ ବ୍ୟସ୍ତ ଏବଂ ବ୍ୟାପୃତ ଥାଆନ୍ତି ଯେ ନିଜ ମଧ୍ୟରେ ଥିବା ମନ, ପ୍ରାଣ ତଥା ଆତ୍ମାର ଭିନ୍ନ ଭିନ୍ନ କ୍ରିୟାକୁ ବିଶ୍ଲେଷଣ କରିପାରନ୍ତି ନାହିଁ କିଂବା ନିଜେ ଯେଉଁ ସୁଖ ଚାହାନ୍ତି ଓ ଯେଉଁ ସକାଶେ ସମସ୍ତ କର୍ମ କରନ୍ତି, ସେହି ସୁଖର ସ୍ୱରୂପ କ'ଣ ଓ ପ୍ରାପ୍ତ ହେବାର ଉପାୟ କ'ଣ, ସେ ସମ୍ବନ୍ଧେ କେବେ ବି ବିଚାର କରନ୍ତି ନାହିଁ । ଏପରିକି ଜଣେ ବିଜ୍ଞାନବେତ୍ତାର ପେଟରେ ବ୍ୟଥା ହେଲେ ନିଜେ ବୁଝିପାରିବାର ଉପାୟ ନ ଥାଏ; ଡାକ୍ତରଙ୍କ ଆଶ୍ରୟ ନେବାକୁ ହୁଏ । ଏମାନେ ଯଦି ଗବେଷଣା କରିବା ବିଷୟ ଛଡ଼ା ଏହି ସଂସାରର ଅନ୍ୟ ବସ୍ତୁ ସମ୍ବନ୍ଧେ ଅନଭିଜ୍ଞ ରହନ୍ତି ତେବେ ଭଗବାନଙ୍କ ବିଷୟରେ ଯଥାର୍ଥ ଭାବରେ ଗବେଷଣା ନ କରି ତାଙ୍କର ଅସ୍ତିତ୍ୱ ନାହିଁ ବୋଲି ମନ୍ତବ୍ୟ ଦେବା କେତେଦୂର ଯୁକ୍ତିଯୁକ୍ତ ହେବ ? ତୁମେ ସେହିମାନଙ୍କର ଈଶ୍ୱରଙ୍କ ଅନସ୍ତିତ୍ୱବାଦକୁ ସ୍ୱୀକାର କରୁଛ କିପରି ?

ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧେ ଆମ୍ଭମାନଙ୍କର ଏଠାରେ ଆଉ ଅଧିକ ବିଚାର କରିବା ଆବଶ୍ୟକ ନାହିଁ । ''ଈଶ୍ୱର ମନୁଷ୍ୟର କେବଳ କଳ୍ପନା, ଈଶ୍ୱର କୌଣସି ସଦ୍‌ବସ୍ତୁ ନୁହନ୍ତି ।''— ଏହି ଧାରଣାହିଁ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ । ବସ୍ତୁର ସତ୍ୟତା ନ ଥିଲେ ସେ ସମ୍ବନ୍ଧେ ମନୁଷ୍ୟ ଧାରଣା କରିପାରେ ନାହିଁ, କଳ୍ପନା କରିପାରେ ନାହିଁ କିଂବା ବିଶ୍ୱାସ କି ଅବିଶ୍ୱାସ କରିପାରେ ନାହିଁ । ଈଶ୍ୱରଙ୍କ ଅସ୍ତିତ୍ୱହୀନତା ପ୍ରତିପାଦନ କରିବାହିଁ ଈଶ୍ୱରଙ୍କ ଅସ୍ତିତ୍ୱର ଅକାଟ୍ୟ ପ୍ରମାଣ ।

ଆଣବିକ ଶକ୍ତି ଆବିଷ୍କାର ହେବାରୁ ଜଡ଼ବିଜ୍ଞାନବାଦୀଙ୍କର ''ଜଡ଼ହିଁ ସବୁକିଛି'', ଏହି ଯୁକ୍ତି ଆଉ ଅକାଟ୍ୟ ହୋଇ ରହିଲା ନାହିଁ । ''ଚେତନାସତ୍ତା ଛଡ଼ା କେବଳ ଜଡ଼ର ସୃଷ୍ଟି ହେଉଛି''— ସେମାନେ ଆନ୍ତରିକ ଦୃଢ଼ତା ସହିତ ଆଉ କହିପାରୁ ନାହାନ୍ତି । ଜଡ଼ତତ୍ତ୍ୱର ଯଥାର୍ଥ ସ୍ୱରୂପ ସମ୍ବନ୍ଧେ ସେମାନେ ନିଃସନ୍ଦିଗ୍ଧ ହୋଇପାରୁ ନାହାନ୍ତି । ଅତଏବ ଈଶ୍ୱର ସର୍ବକାଳ ଓ ସର୍ବାବସ୍ଥାରେ ସ୍ୱତଃ ପ୍ରମାଣିତ, ତାଙ୍କୁ ପ୍ରମାଣିତ କରିବାର ଆବଶ୍ୟକତା ନାହିଁ ।

ଏଠାରେ ଆମ ପ୍ରଧାନ ଆଲୋଚ୍ୟ ବିଷୟ ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରତିପାଦନ କରିବା ନୁହେଁ । ଏହାର ଆଲୋଚନା ହୋଇଛି ''ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'' ପୁସ୍ତକରେ । ଏଠାରେ ପ୍ରଧାନ ଆଲୋଚନାର ବିଷୟ ହେବ, ''ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ଦୁଃଖବିହୀନ ପରମ ସୁଖ ।'' ଏହି ପରମ ସୁଖପ୍ରାପ୍ତିରେ ଈଶ୍ୱରଙ୍କ ଆବଶ୍ୟକତା ଥିଲେ ତାଙ୍କୁ ଖୋଜିବା, ଅନ୍ୟଥା ତାଙ୍କୁ ବାଦ୍‌ଦେଲେ ଚଳିବ ।

ପ୍ରଶ୍ନ : ମୋ ବିଚାରରେ ଈଶ୍ୱରଙ୍କର ଆବଶ୍ୟକତା ହେବ ନାହିଁ । ମନୁଷ୍ୟ ଚାହେଁ ଖାଦ୍ୟ, ବସ୍ତ୍ର, ବାସଗୃହ ଓ ଅନ୍ୟାନ୍ୟ ଆବଶ୍ୟକ ବସ୍ତୁ । ଏହାଛଡ଼ା ପରିବାର, ଗ୍ରାମ, ଜାତି ଓ ଦେଶ ଦେଶ ସହ ଉତ୍ତମ ବ୍ୟବହାର ଏବଂ ପରସ୍ପର ମଧ୍ୟରେ ଭ୍ରାତୃତ୍ୱ ସ୍ଥାପନ, ଏହାହିଁ ସୁଖମୟ ଜୀବନ । ଏତିକି ହେଲେ ଈଶ୍ୱରଙ୍କର ଆବଶ୍ୟକ କ'ଣ ? ଏହାଛଡ଼ା ଅନ୍ୟ କିଛି ସୁଖମୟ ଜୀବନ ଅଛି ବୋଲି ମୋର ମନେ ହୁଏ ନାହିଁ ।

ଉତ୍ତର : ତୁମେ ଯେଉଁ ଜୀବନ ଏବଂ ସମାଜ ଚାହୁଁଛ, ଆଜି ପର୍ଯ୍ୟନ୍ତ କ'ଣ ତାହା ପ୍ରାପ୍ତ ହୋଇଛି ? ଯେପର୍ଯ୍ୟନ୍ତ ଅନ୍ତରରେ ସୁଖଶାନ୍ତି ପ୍ରାପ୍ତ ନ ହେବ ସେପର୍ଯ୍ୟନ୍ତ ବାହ୍ୟ ବ୍ୟବସ୍ଥାରେ ବ୍ୟକ୍ତି ଏବଂ ସମାଜ ସୁଖୀ ଏବଂ ଶୃଙ୍ଖଳିତ ହୋଇପାରିବ ନାହିଁ । ସୁଖମୟ ଜୀବନର ଲକ୍ଷଣ ହେଉଛି ଅଭାବର ଅଭାବ । ଯେଉଁମାନଙ୍କୁ ଭୋଜନ, ବସ୍ତ୍ର, ଅଯସ, ଆରାମ ପ୍ରାପ୍ତ ହୋଇଛି ଓ ଭୌତିକ ପଦ ମର୍ଯ୍ୟାଦା ଓ ଅଧିକାର ଯଥେଷ୍ଟ, ସେମାନେ କ'ଣ ସୁଖଶାନ୍ତିରେ ଅଛନ୍ତି ?

ଆବାଳବୃଦ୍ଧବନିତା ସମସ୍ତ ବ୍ୟକ୍ତି ଚାହାନ୍ତି ଦୁଃଖବିହୀନ ପରମ ସୁଖ । କୌଣସି ବ୍ୟକ୍ତି ରୋଗ, ବୃଦ୍ଧତ୍ୱ, ମୃତ୍ୟୁରୁ ଉତ୍ପନ୍ନ ଦୁଃଖ, ଅଶାନ୍ତି ଚାହେଁ ନାହିଁ । ମନୁଷ୍ୟ ଚାହୁଁଥିବା ଏହି ଦୁଃଖବିହୀନ ପରମସୁଖ କୌଣସି ସାଂସାରିକ ବସ୍ତୁରେ ପ୍ରାପ୍ତହୁଏ ନାହିଁ । ସାଂସାରିକ ସମସ୍ତବସ୍ତୁ ଏବଂ ସୁଖ ନାଶବାନ୍ ତଥା ଅସ୍ଥାୟୀ । ସ୍ଥାୟୀ ସୁଖଶାନ୍ତି ପ୍ରାପ୍ତ ହୁଏ ପରମାନନ୍ଦସ୍ୱରୂପ ଭଗବାନଙ୍କ ଉପଲବ୍ଧିରେ । ଏହି କାରଣରୁ ଭଗବାନ୍ ଆବଶ୍ୟକ । କିନ୍ତୁ ଏହି ଦୁଃଖବିହୀନ ପରମସୁଖ ଚାହିଁବାହିଁ ହେଲା ଅନ୍ତରାତ୍ମାର । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ । କିନ୍ତୁ ଆତ୍ମାର ଏହି ଚାହିଁବା ପ୍ରକାଶ ହୁଏ ମନୁଷ୍ୟର ମନ-ପ୍ରାଣର ମଧ୍ୟ ଦେଇ । ଆତ୍ମାର ପ୍ରଭାବରେ ମନ-ପ୍ରାଣ ପ୍ରଭାବିତ ତଥା ଉଦ୍ଭାସିତ ହୋଇ ନ ଥିବାରୁ ସେମାନେ ଆତ୍ମାର ଚାହିଁବା ଜୀବନର ଲକ୍ଷ୍ୟକୁ ସ୍ପଷ୍ଟଭାବେ ବୁଝି ପାରନ୍ତି ନାହିଁ । ଆତ୍ମାର ଚାହିଁବା ପରମସୁଖକୁ ବ୍ୟକ୍ତି

ଭ୍ରମବଶତଃ ମାନ, ଯଶଃ, ପଦମର୍ଯ୍ୟାଦା, ଧନ, ପୁତ୍ର ତଥା ପରିବାରାଦି ସଂସାରର ନାଶବାନ୍ ବସ୍ତୁରେ ଖୋଜନ୍ତି ଏବଂ ସର୍ବଥା ନିରାଶ ହେଉଥାଆନ୍ତି ।

ଏହି ଭ୍ରମରେ ପଡ଼ିଥାଆନ୍ତି ବୁଦ୍ଧିପ୍ରଧାନ ବ୍ୟକ୍ତିମାନେ । ବୁଦ୍ଧିର ଜ୍ଞାନ ବହୁତ ସୀମିତ, ସଂସାରର ଦୃଶ୍ୟମାନ ବସ୍ତୁଛଡ଼ା ସୂକ୍ଷ୍ମ ବସ୍ତୁ ସମ୍ବନ୍ଧେ ସେ ଅଜ୍ଞାନ । ଅନ୍ତରାତ୍ମା ସଂସାର ବସ୍ତୁରୁ ଭିନ୍ନ, ଦିବ୍ୟ ଏବଂ ସୂକ୍ଷ୍ମାତିସୂକ୍ଷ୍ମ ଏବଂ ପରମାନନ୍ଦ ସ୍ୱରୂପ । ହାର୍ଦ୍ଦିକଭାବ ବିନା ବ୍ୟକ୍ତିର ବୁଦ୍ଧି ସେଠାରେ ପହଞ୍ଚିପାରେ ନାହିଁ । ବରଂ ଅନ୍ତରାତ୍ମା ଓ ମନ-ପ୍ରାଣ ମଧ୍ୟରେ ଗୋଟିଏ ଦୃଢ଼ ଆବରଣ ସୃଷ୍ଟି କରେ । ସେହି କାରଣରୁ ମହାନ୍ ବୁଦ୍ଧିପ୍ରଧାନ ବ୍ୟକ୍ତି ନିଜେ ଚାହୁଁଥିବା ଦୁଃଖରହିତ ପରମ ସୁଖର ସ୍ୱରୂପ ବୁଝିପାରନ୍ତି ନାହିଁ । ତା'ର ପ୍ରାପ୍ତିର ଯଥାର୍ଥ ପ୍ରଣାଳୀ ମଧ୍ୟ ଆଚରଣ କରିପାରନ୍ତି ନାହିଁ । ପ୍ରତ୍ୟେକ ବ୍ୟକ୍ତିର ଏହି ପରମ ସୁଖ ଚାହିଁବା ମନ-ପ୍ରାଣରେ ସ୍ପଷ୍ଟଭାବେ ପ୍ରକାଶିତ ନ ହେବାରୁ ବୁଦ୍ଧିପ୍ରଧାନ ଓ ଶକ୍ତିସମ୍ପନ୍ନ ବ୍ୟକ୍ତିମାନେ ସୃଷ୍ଟି ଆରମ୍ଭରୁ ସାଂସାରିକ ବସ୍ତୁରେ ସୁଖଶାନ୍ତି ଖୋଜୁଛନ୍ତି; ଏବଂ ତାହା ବ୍ୟର୍ଥରେ ପରିଣତ ହେଉଥିବା ସତ୍ତ୍ୱେ ଅନ୍ୟ କୌଣସି ମାର୍ଗ ଦୃଷ୍ଟିଗୋଚର ନ ହେବାରୁ ତାହାକୁ ଭିନ୍ନ ଭିନ୍ନ ରୂପେ ପୁନରାବୃତ୍ତି କରୁଅଛନ୍ତି ।

## ବିଫଳତାର କାରଣ

ବିଫଳତାର କାରଣ ହେଲା ମନୁଷ୍ୟର ସ୍ୱାର୍ଥ ଏବଂ ଅହଂ । ଏହି ଦୁଇଟି ଶତ୍ରୁ ଥିବା ପର୍ଯ୍ୟନ୍ତ ବ୍ୟକ୍ତି ନିଜେ ସୁଖଶାନ୍ତି ପାଇପାରେ ନାହିଁ କିଂବା ଅନ୍ୟକୁ ସୁଖଶାନ୍ତିରେ ରଖିପାରେ ନାହିଁ । ଏହି ଦୁଇଟି ଶତ୍ରୁ ବିନଷ୍ଟ ହୁଅନ୍ତି ଅଧ୍ୟାତ୍ମ ସାଧନା ଦ୍ୱାରା ତଥା ଅନ୍ତରସ୍ଥ ଆତ୍ମା ବିକାଶ ଲାଭ କରି ତା'ର ସତ୍ୟ ଜ୍ଞାନ, ଆନନ୍ଦ ପ୍ରଭାବରେ ମନ ପ୍ରାଣକୁ ପ୍ରଭାବିତ କରିବା ଦ୍ୱାରା । ଏହି ସତ୍ୟ ଭିତ୍ତିରେ କର୍ମ କଲେ କର୍ମର ପୂର୍ଣ୍ଣତା ହୁଏ, ବ୍ୟକ୍ତି ପରମ ଆନନ୍ଦରେ ନିବାସ କରେ ଓ ସଂସାରରେ ସୁଖଶାନ୍ତି ପ୍ରତିଷ୍ଠିତ ହୁଏ । ଏହି ଅଧ୍ୟାତ୍ମ ସତ୍ୟର ଭିତ୍ତି ଛଡ଼ା ଅସ୍ଥାୟୀଭାବେ ସଂସାର ଉନ୍ନତ ବା ସମୃଦ୍ଧିଶାଳୀ ହୋଇପାରେ ଓ ବ୍ୟକ୍ତି ସାଂସାରିକ ଐଶ୍ୱର୍ଯ୍ୟ ପ୍ରାପ୍ତ ହୋଇପାରେ କିନ୍ତୁ ଯଥାର୍ଥ ସୁଖଶାନ୍ତି ନ ପାଇ ଦୁଃଖ ଅନୁଭବ କରୁଥାଏ । ଏହା ହୋଇଛି ସଂସାରର ସମସ୍ତ ନେତା ଏବଂ ସଂସାରବାସୀଙ୍କର ।

ସଂସାର ସର୍ଜନା ହେବା ଦିନଠାରୁ ଯେଉଁ ରାଜା ତଥା ଯେଉଁ ନେତାମାନେ ଆନ୍ତରିକତା ସହ ଦେଶର ସୁଖଶାନ୍ତି ପ୍ରତିଷ୍ଠା କରିବା ସକାଶେ ପ୍ରଯତ୍ନ କରି ଆସୁଛନ୍ତି ସେମାନଙ୍କ ଅହଂ, ସ୍ୱାର୍ଥ ଅଧ୍ୟାତ୍ମ ସତ୍ୟ ଦ୍ୱାରା ରୂପାନ୍ତରିତ ହୋଇ ନ ଥିବାରୁ ସେମାନେ ବି ସଫଳତା ପ୍ରାପ୍ତ ହୋଇ ନାହାନ୍ତି । ସେମାନେ ସଂସାରର ଅନ୍ୟାନ୍ୟ ବସ୍ତୁ ତ୍ୟାଗ କରି ଅଧିକାର ଏବଂ ନାମ ଯଶଃର କବଳରେ ପଡ଼ିଯାଇଅଛନ୍ତି । ସେହି ନେତାମାନଙ୍କର ଭୁଲ୍ ମାର୍ଗ ଅନୁସରଣ କରୁଛନ୍ତି ସଂସାରବାସୀ । ସେହି କାରଣରୁ ଆଜି ପର୍ଯ୍ୟନ୍ତ ବ୍ୟକ୍ତି ଚାହୁଁଥିବା ଦୁଃଖବିହୀନ ସୁଖଶାନ୍ତି ସଂସାରରେ ପ୍ରତିଷ୍ଠିତ ହୋଇ ନାହିଁ ।

ଯେଉଁ ଋଷି, ମୁନି ଓ ସାଧୁ ସନ୍ଥଙ୍କ ଆତ୍ମା ଜାଗ୍ରତ ହୋଇଥିଲା, ସେମାନେ ଜୀବନର ଲକ୍ଷ୍ୟ ପରମ ସୁଖର ସ୍ୱରୂପ ବୁଝିପାରିଥିଲେ, କିନ୍ତୁ କର୍ମ ସହିତ ତା'ର ସାମଞ୍ଜସ୍ୟ ନ ଦେଖି କର୍ମ ଏବଂ ସଂସାର ତ୍ୟାଗ କରି ପରମ ସୁଖ ପ୍ରାପ୍ତ ହେଲେ । ସଂସାର ଏବଂ ଅଧ୍ୟାତ୍ମ ସତ୍ୟ ପୃଥକ୍ ହୋଇଗଲା । ଏହି ପୃଥକ୍‌ତ୍ୱ ବିଶେଷରୂପେ ହେଲା ବୁଦ୍ଧଦେବଙ୍କ ସମୟରୁ । ତା'ଫଳରେ ସଂସାରୀ ବ୍ୟକ୍ତି ଆତ୍ମାର ପରମ ସୁଖର ସ୍ୱରୂପ ପୂର୍ଣ୍ଣରୂପେ ଭୁଲିଗଲେ ଓ ତାହାର ବିକୃତ ରୂପକୁ ଖୋଜିଲେ ସାଂସାରିକ ବସ୍ତୁରେ । ଏଥିରେ ଅଧିକ ସାହାଯ୍ୟ କଲା ଜଡ଼ବିଜ୍ଞାନ । ସେ ଆନ୍ତରିକ ପରମ ସୁଖ ଏବଂ ଅଦୃଶ୍ୟ ସୂକ୍ଷ୍ମ ଆତ୍ମାକୁ ଏକେବାରେ ବାଦ୍‌ଦେଇ କେବଳ ଭୌତିକ ବିକାଶ କରି ରେଳ, ମଟର, ବିଜୁଳି, ରେଡ଼ିଓ, ସିନେମା ଇତ୍ୟାଦି ସାଂସାରିକ ବସ୍ତୁ ଦ୍ୱାରା ବ୍ୟକ୍ତିକୁ ସୁଖରେ ରଖିବାକୁ ପ୍ରଯତ୍ନ କରି ଶେଷରେ ସୃଷ୍ଟିନାଶକାରୀ ଆଣବିକ ଅସ୍ତ୍ରରେ ପହଞ୍ଚିଗଲା । ସଂସାରରେ ସୁଖଶାନ୍ତି ପରିବର୍ତ୍ତେ ବଢ଼ିଲା ଦୁଃଖ, ଦ୍ୱନ୍ଦ୍ୱ, ଆତଙ୍କ । ଏହା ଫଳରେ ଆନ୍ତରିକ ସୂକ୍ଷ୍ମ ବସ୍ତୁ ତଥା ଈଶ୍ୱର ରହିଲେ ଆବରଣରେ, ସମ୍ମୁଖକୁ ଆସିଲା ଭୋଜନ, ବସ୍ତ୍ର । ଭୌତିକ ଜଡ଼ବାଦ ଦ୍ୱାରା ବ୍ୟକ୍ତିଚେତନା ଏପରି ଆବୃତ ହୋଇଗଲା ଯେ ବ୍ୟକ୍ତି ସତ୍ୟ ବସ୍ତୁ ଚିନ୍ତା କରିବା ପୂର୍ଣ୍ଣରୂପେ ଭୁଲିଗଲା । ନିଜ ସ୍ୱତନ୍ତ୍ରତା ତଥା ନିଜର

ଚାହିଁବା ଦୁଃଖରହିତ ପରମ ସୁଖର ଯଥାର୍ଥ ସ୍ୱରୂପ ପୂର୍ଣ୍ଣରୂପେ ବିକୃତ ହୋଇଗଲା । ବର୍ତ୍ତମାନ ବ୍ୟକ୍ତି ଭ୍ରମର ଚରମ ସୀମାରେ ପହଞ୍ଚି ଆତ୍ମାର ଯେଉଁ ପରମ ଧର୍ମ ସ୍ୱତନ୍ତ୍ରତା ଅର୍ଥାତ୍ କାମ, କ୍ରୋଧ, ଲୋଭ, ମୋହ, ସ୍ୱାର୍ଥ, ହିଂସାରୁ ଉତ୍ପନ୍ନ ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତି – ଏହାକୁ ଏକେବାରେ ଭୁଲିଗଲା । ଭୋଜନ ଓ ବସ୍ତ୍ରକୁ ସାମ୍ନାରେ ରଖି ନିଜ ଆନ୍ତରିକ ଭାବ ବ୍ୟକ୍ତ କରିବାର ଯେଉଁ ସ୍ୱାଭାବିକ ଜନ୍ମଗତ ସ୍ୱାଧୀନତା ତାହାକୁ ନତମସ୍ତକ ହୋଇ ବନ୍ଧୁକଗୁଳିର ଅଧୀନ କରିଦେଲା । ମନୁଷ୍ୟସମାଜ ଅଧ୍ୟାତ୍ମ ସତ୍ୟ ଛାଡ଼ି କେବଳ ଭୌତିକ ବସ୍ତୁରେ ସୁଖଶାନ୍ତି ପ୍ରାପ୍ତ ହେବାକୁ ଯେତେ ଅଧିକ ପ୍ରଯତ୍ନ କଲା ସେତେ ଅଧିକ ସ୍ୱତନ୍ତ୍ରତା ତଥା ସୁଖଶାନ୍ତିରୁ ଦୂରକୁ ହଟିଗଲା । ବର୍ତ୍ତମାନ ପରିବାର, ଗ୍ରାମ, ଦେଶ ତଥା ସମଗ୍ର ଜଗତରେ ପୂର୍ଣ୍ଣ ଅଶାନ୍ତି ଏବଂ ବିଶୃଙ୍ଖଳାର ଅବସ୍ଥା । ଯେଉଁ ନୈତିକତା ଦ୍ୱାରା ଶୃଙ୍ଖଳା ପ୍ରତିଷ୍ଠିତ ହୋଇଥିଲା ସେହି ନୈତିକତା ମୂଳରୁ ଭୁଶୁଡ଼ିପଡ଼ିଲା । ନୈତିକତାର ଅଭାବ ଯୋଗୁଁ ଅତି ଦରିଦ୍ରଠାରୁ ଆରମ୍ଭ କରି ମହାନ୍ ଧନୀ, ଐଶ୍ୱର୍ଯ୍ୟଶାଳୀ ତଥା ପଦମର୍ଯ୍ୟାଦାଶାଳୀ ପ୍ରଧାନ ନେତା ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି ଦୁଃଖ କଷ୍ଟ, ଅଭାବରେ ପୀଡ଼ିତ ହେଲେ । କେହି ନେତା ହେବା ଲାଗି, କେହି ଧନବୃଦ୍ଧି କରିବାରେ ନିରତ, କାହାର ଅଧିକାର ରକ୍ଷାରେ ଚିନ୍ତା, କେହି ଇଲେକ୍ସନରେ ଜିତିବା ସକାଶେ ବ୍ୟସ୍ତ, କାହାର ଚାକିରିରେ ବ୍ୟାଘାତ, ବ୍ୟବସାୟରେ ଅସଫଳତା, କାହାର ପୁତ୍ରକନ୍ୟା ସ୍ୱେଚ୍ଛାଚାରୀ, କାହାର ଗୃହକଳି, କାହାର ମୋକଦ୍ଦମାର ଚିନ୍ତା, କାହାର ଭୋଜନ-ବସ୍ତ୍ରର ଅଭାବ, କିଏ ପରୀକ୍ଷାରେ ଫେଲ୍, କେହି ଧର୍ମଘଟ କରିବାରେ ବ୍ୟସ୍ତ – ଏହିପରି ପ୍ରତ୍ୟେକ ବ୍ୟକ୍ତି ଯାହାର ଭୋଜନ, ବସ୍ତ୍ର ଅଭାବ ଏବଂ ଯାହାର ଭୋଜନ, ବସ୍ତ୍ର ଓ ଧନ ଐଶ୍ୱର୍ଯ୍ୟ ପର୍ଯ୍ୟାପ୍ତ, ଏ ସମସ୍ତ ବ୍ୟକ୍ତି ଦୁଃଖ-ଦ୍ୱନ୍ଦ୍ୱରେ ପୀଡ଼ିତ ହେଉଛନ୍ତି ।

ଯେଉଁ ଦେଶରେ ଭୋଜନ ଓ ବସ୍ତ୍ରର ଲକ୍ଷ୍ୟ ରଖାହୋଇଛି ଏବଂ ତା' ସକାଶେ ପ୍ରଯତ୍ନ କରାହୋଇଛି, ସେହି ଆଦର୍ଶରେ ପୃଥିବୀରେ ସୁଖଶାନ୍ତିର ପ୍ରତିଷ୍ଠା ହେବା ପାଇଁ ଯେଉଁ ଭ୍ରାନ୍ତଧାରଣା ଥିଲା ତାହା ଦୂର ହେଉଅଛି । ରହିଛି ଛଳେ ବଳେ କୌଶଳେ ନେତା ହେବା ଅଥବା ନିଜର ସ୍ୱାର୍ଥସିଦ୍ଧି କରିବାର ଉଦ୍ଦେଶ୍ୟ । ଏହି ଦୁଃଖ-ଦ୍ୱନ୍ଦ୍ୱର ପ୍ରଧାନ କାରଣ ହେଉଛି ବ୍ୟକ୍ତିର ଅହଂ ଏବଂ ସ୍ୱାର୍ଥ । ଏହା କିଛି ଅଂଶରେ ନୈତିକତା ଚାପରେ ଦବି ରହିଥିଲା । ନୈତିକତା ଭାଙ୍ଗିଯିବାରୁ ଏହି ସ୍ୱାର୍ଥ, ଅହଂ ପୂର୍ଣ୍ଣରୂପେ ମୁକ୍ତ ହୋଇ ବ୍ୟକ୍ତିକୁ ଅଧିକାର କରି ନିଜ ଉଦ୍ଦେଶ୍ୟ ସିଦ୍ଧି ସକାଶେ ତାକୁ ପରିଚାଳିତ କରୁଅଛି । ଏହି ସ୍ୱାର୍ଥ, ଅହଂ ଯୋଗୁଁ କୃଷକଠାରୁ ଦେଶର ନେତାମାନଙ୍କ ପର୍ଯ୍ୟନ୍ତ କେହି ହେଲେ ଦେଶରେ ସୁଖଶାନ୍ତି ଓ ସମୃଦ୍ଧି ପ୍ରତିଷ୍ଠା ଲାଗି ଆନ୍ତରିକତା ସହ କର୍ମ କରୁ ନାହାନ୍ତି । ନେତାମାନେ ନିଜ ନିଜ ଅଧିକାର ସକାଶେ ନିଜ ସଂଘ ବା ଦଳ ଦୃଢ଼ କରିବାରେ ଚିନ୍ତିତ । ଏହାର ମାନସିକ ପ୍ରଭାବ ପଡୁଛି ସମସ୍ତ ଦେଶରେ । ସରକାରୀ କର୍ମକର୍ତ୍ତା ଓ କର୍ମୀମାନେ କମ୍ କାମ କରି ଲାଞ୍ଚ ମିଛ ଆଶ୍ରୟରେ ପକେଟ ଉଚ୍ଚା କରିବାରେ ବ୍ୟସ୍ତ । କୃଷକଠାରୁ ଆରମ୍ଭ କରି ବ୍ୟବସାୟୀ ପର୍ଯ୍ୟନ୍ତ ଉତ୍ତମ ବସ୍ତୁରେ ଭେଜାଲ ମିଶାଇ ଠକିବାରେ ପ୍ରବୃତ୍ତ । ଏହିସବୁ ଠକ ମନୋବୃତ୍ତି ଯୋଗୁଁ ଦେଶରେ ଅବନତି ଏବଂ ଭୋଜନ, ବସ୍ତ୍ରର ଅଭାବ ହେଉଛି ।

## ସମାଧାନ

ଭାଙ୍ଗି ଯାଇଥିବା ନୈତିକତା ପୁନର୍ବାର ଫେରି ଆସିବ ନାହିଁ । କ୍ରମବିକାଶର ନିୟମ ଅନୁସାରେ ବିକାଶ ଆଉ ଏକ ପଦକ୍ଷେପ ନେବ । ତାହା ହେଉଛି ଅଧ୍ୟାତ୍ମ ସତ୍ୟଭିତ୍ତିରେ ସଂସାରର କର୍ମ । ଏହାରି ଦ୍ୱାରା ବ୍ୟକ୍ତି ଚିରକାଳ ଚାହୁଁଥିବା ଦୁଃଖରହିତ ପରମସୁଖ ପ୍ରାପ୍ତ ହେବ ଏବଂ ଦେଶରେ ତଥା ଜଗତରେ ସୁଖଶାନ୍ତି ଓ ଐକ୍ୟ ପ୍ରତିଷ୍ଠିତ ହେବ । ଏହା ହୋଇପାରିବ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ଅହଂ ଓ ସ୍ୱାର୍ଥ ରୂପାନ୍ତରିତ ହେଲେ । ଏହି କାର୍ଯ୍ୟ କରିବା ସକାଶେ ମା' ଶ୍ରୀଅରବିନ୍ଦ ଅତିମାନସ ରୂପାନ୍ତରକାରିଣୀ ମହାଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି । ଏହି ସତ୍ୟ ଗ୍ରହଣ କରିବାର ସମୟ ଆସିଛି ।

ମନୁଷ୍ୟର ମନ, ପ୍ରାଣ, ଶରୀର ତଥା ଆତ୍ମାର ସଂଯୋଗରେ ବ୍ୟକ୍ତି ଜୀବିତ ହୋଇ କର୍ମ କରେ । ଏହି ଚାରି

ସତ୍ତା ଭଗବାନଙ୍କ ଦିବ୍ୟ ତତ୍ତ୍ୱରୁ ଆସିଅଛନ୍ତି । କିନ୍ତୁ ମନ, ପ୍ରାଣ, ଶରୀର ବିକୃତ ହୋଇ ଯାଇଛନ୍ତି । ଆତ୍ମା ରହିଛି ଅବିକୃତ ଏବଂ ଜ୍ଞାନ, ଆନନ୍ଦ ତଥା ପରମ ଶାନ୍ତିରେ ପୂର୍ଣ୍ଣ । ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ଆତ୍ମାର ତତ୍ତ୍ୱରେ ରୂପାନ୍ତରିତ ହେଲେ ବ୍ୟକ୍ତିକୁ ପ୍ରାପ୍ତ ହେବ ପୂର୍ଣ୍ଣତା । କର୍ମ ତଥା ଅଧ୍ୟାତ୍ମ ସତ୍ୟର ହେବ ସଂଯୋଗ । ବ୍ୟକ୍ତିର ସମସ୍ତ ସତ୍ତା ଏକତ୍ୱ ପ୍ରାପ୍ତ ହେବ ଭଗବାନଙ୍କ ସହିତ । ସେ ହେବ ମୃତ୍ୟୁ, ରୋଗ, ଜରାରୁ ପୂର୍ଣ୍ଣ ମୁକ୍ତ, ସଂସାର ହେବ ସ୍ୱର୍ଗରେ ପରିଣତ । ଏହାହିଁ ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ।

ପ୍ରଶ୍ନ : ଆମ୍ଭମାନଙ୍କ ହୃଦୟ ଅଜ୍ଞାନରୁ ମୁକ୍ତ ନୁହେଁ । ସେହି ସକାଶେ ଆମ୍ଭେମାନେ ସତ୍ୟକୁ ଗ୍ରହଣ ତଥା ବିଶ୍ୱାସ କରିବାରେ ସମର୍ଥ ହେଉ ନାହୁଁ । ଏହାକୁ ଆମ୍ଭମାନଙ୍କର ବୁଦ୍ଧିଗ୍ରାହ୍ୟ ଯୁକ୍ତିରେ ବୁଝାଇ ଦିଅ । ଏହି ଆଶ୍ଚର୍ଯ୍ୟଜନକ ଦିବ୍ୟ ଆନନ୍ଦମୟ ଜୀବନ ପ୍ରାପ୍ତି ହେବାର ନିଃସନ୍ଦିଗ୍ଧ ଆଧାର କ'ଣ ?

ଉତ୍ତର : ନିଃସନ୍ଦିଗ୍ଧ ଆଧାର ହେଲା ବ୍ୟକ୍ତିର ଚାହିଁବା । ବସ୍ତୁର ସତ୍ୟତା ନ ଥିଲେ ବ୍ୟକ୍ତି ଚାହିଁପାରେ ନାହିଁ । ବ୍ୟକ୍ତି ଯେଉଁ ବସ୍ତୁକୁ ଚାହେଁ ତାହା ଅବଶ୍ୟ ପ୍ରାପ୍ତ ହୁଏ । ବ୍ୟକ୍ତିର ଚାହିଁବା ବହୁମୁଖୀ ହୋଇଥିବାରୁ କୌଣସି ଗୋଟିଏ ଚାହିଁବା ବସ୍ତୁରେ ସେ ଏକାଗ୍ର ହୋଇପାରେ ନାହିଁ । ସେହି ସକାଶେ ତା'ର ଚାହିଁବା ବସ୍ତୁ ପ୍ରାପ୍ତ ହୁଏ ନାହିଁ । ଅଧ୍ୟାତ୍ମସାଧକମାନେ ଭଗବତ୍‌ପ୍ରାପ୍ତି, ମୁକ୍ତି, ନିର୍ବାଣ ଚାହାନ୍ତି । ସାଧନା ଦ୍ୱାରା ଅନ୍ୟ ସମସ୍ତ ଚାହିଁବା ସମାପ୍ତ କରି ଶେଷ ଚାହିଁବାଟି ଯେତେବେଳେ ରହେ, ସେତେବେଳେ ସେମାନେ ଲକ୍ଷ୍ୟପ୍ରାପ୍ତ ହୁଅନ୍ତି ।

ବର୍ତ୍ତମାନ ସମୟ ଆସିଥିବାରୁ ମା', ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ମନୁଷ୍ୟ ଅଜ୍ଞାତ ଓ ଅସ୍ପଷ୍ଟରୂପେ ଚାହୁଁଥିବା ମୃତ୍ୟୁବିହୀନ ଅମରତ୍ୱ; ରୋଗ, ଜରାବିହୀନ ଦିବ୍ୟ ଜୀବନର ସନ୍ଧାନ ଦେଇଛନ୍ତି ଏବଂ ସ୍ୱୟଂ ସାଧନା କରି, ସତ୍ୟ ଉପଲବ୍ଧି କରି, ସେହି ମାର୍ଗର ସାଧକମାନଙ୍କୁ ସାହାଯ୍ୟ କରୁଅଛନ୍ତି । ଆମ୍ଭେମାନେ ତାଙ୍କ ଚରଣରେ ନିଜକୁ ସମର୍ପଣ କଲେ ରୂପାନ୍ତରକାରିଣୀ ଅତିମାନସ ମହାଶକ୍ତି ଆମ ମଧ୍ୟରେ ରୂପାନ୍ତର କାର୍ଯ୍ୟ କରିବ; ତେବେ ଆମ୍ଭମାନଙ୍କ ସମଗ୍ର ସତ୍ତା ଏକମୁଖୀ ହୋଇ ଭଗବତ୍ ଉପଲବ୍ଧି କରିବାକୁ ଚାହିଁବ । ମନ, ପ୍ରାଣ ତଥା ଜଡ଼ଶରୀର ଜଡ଼ତ୍ୱ ଦୂର କରି ସଚେତନ ହୋଇ ଲକ୍ଷ୍ୟସିଦ୍ଧି କରିବାକୁ ଚାହିଁଲେ ତାହା ଅବଶ୍ୟ ପ୍ରାପ୍ତ ହେବ । ଏହି ଚାହିଁବାହିଁ ହେଲା ଦିବ୍ୟ ଆନନ୍ଦମୟ ଜୀବନ ପ୍ରାପ୍ତ ହେବାର ନିଃସନ୍ଦିଗ୍ଧ ଆଧାର ।

ପ୍ରଶ୍ନ : ପୁରାତନ ଯୋଗୀମାନେ ଭଗବତ୍ ଦିବ୍ୟଧାମରେ ଭଗବତ୍ ପ୍ରାପ୍ତି କରି ଅଛନ୍ତି ଅଥବା ମୁକ୍ତି ନିର୍ବାଣକୁ ଯାଇଅଛନ୍ତି । ଏମାନଙ୍କ ଜୀବନ କ'ଣ ପୂର୍ଣ୍ଣ ହୋଇ ନାହିଁ ?

ଉତ୍ତର : ନା । ପୁରାତନ ଯୋଗୀମାନଙ୍କର ମନ-ପ୍ରାଣ ଶରୀର ଯେଉଁ ବିକୃତ ଅବସ୍ଥାରେ ରୋଗ-ଜରା-ମୃତ୍ୟୁ କବଳରେ କବଳିତ ଥିଲା ସେମାନେ ସେସବୁକୁ ସେହି ଅବସ୍ଥାରେ ଛାଡ଼ି ନିତ୍ୟମୁକ୍ତ ଆତ୍ମାକୁ ଭଗବତ୍ ପ୍ରାପ୍ତି କରାଇଲେ କିଂବା ନିର୍ବାଣ ମୁକ୍ତିକୁ ପହଞ୍ଚାଇ ଦେଲେ । ଶରୀରକୁ ତ୍ୟାଗ କରିବାରୁ ତାହା ପୂର୍ଣ୍ଣତା ପ୍ରାପ୍ତ ହେଲା ନାହିଁ କିଂବା ସଂସାର ତଥା ସଂସାର କର୍ମ ଉନ୍ନତ ହୋଇପାରିଲା ନାହିଁ ।

ପୁରାତନ ଯୋଗୀମାନେ ଯଦି ସେମାନଙ୍କ ଅଶୁଦ୍ଧ ମନ-ପ୍ରାଣ-ଶରୀରକୁ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ କରିଥା'ନ୍ତେ, ସେଥିରେ ଭଗବାନଙ୍କର ପ୍ରକାଶ୍ୟ ନିବାସ ହୋଇଥା'ନ୍ତା । ରୂପାନ୍ତରିତ ମନ, ପ୍ରାଣ, ଶରୀର ରୋଗ, ମୃତ୍ୟୁ, ବୃଦ୍ଧତ୍ୱ ତଥା ଅଜ୍ଞାନ, ଦୁଃଖକଷ୍ଟରୁ ମୁକ୍ତ ହୋଇଥା'ନ୍ତେ, ତେବେ ସେମାନଙ୍କ ଜୀବନ ପୂର୍ଣ୍ଣ ହୋଇଥାଆନ୍ତା । ସେମାନଙ୍କୁ ଶରୀର ତ୍ୟାଗ କରି ମୁକ୍ତି, ନିର୍ବାଣ ଅଥବା ଭଗବତ୍‌ପ୍ରାପ୍ତି ସକାଶେ ଦିବ୍ୟଧାମକୁ ଯିବାକୁ ହୋଇ ନ ଥା'ନ୍ତା । ମୁକ୍ତି, ନିର୍ବାଣ, ଭଗବତ୍‌ପ୍ରାପ୍ତି ହୋଇଥାଆନ୍ତା ଏହି ଶରୀରରେ । ମନ-ପ୍ରାଣ-ଶରୀର ଭଗବତ୍ ତତ୍ତ୍ୱ ସହିତ ଏକତ୍ୱ ପ୍ରାପ୍ତ ହୋଇଥିଲେ ସେଥିରେ ପ୍ରକାଶ ହୋଇଥାଆନ୍ତା ଭଗବାନଙ୍କ ଅଫୁରନ୍ତ ଶକ୍ତି । ତା'ଫଳରେ ଏହି ମୃତ୍ୟୁପୁରୀ ଉନ୍ନତ ହୋଇଥାଆନ୍ତା ଏବଂ ପରିଣତ ହୋଇଥା'ନ୍ତା ଭଗବତ୍ ଦିବ୍ୟ-ଧାମରେ । ତେବେ ଯାଇ ହୋଇଥା'ନ୍ତା ଜୀବନର ପୂର୍ଣ୍ଣତା ବା ପୂର୍ଣ୍ଣ ବିକାଶ । ଜୀବନ ସର୍ବଥା ଦାବି କରେ ଅମରତ୍ୱ, ନୀରୋଗତ୍ୱ ଏବଂ ଜରାବିହୀନ ପରମାନନ୍ଦ । ଜୀବନର ଏହି ଦାବି ପୁରାତନ ଯୋଗ ପୂର୍ଣ୍ଣ କରିପାରି ନାହିଁ । ଏହା ପୂର୍ଣ୍ଣ ହେବ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତିର ରୂପାନ୍ତର ଦ୍ୱାରା ।

## ଗୁରୁନିଷ୍ଠା

ପ୍ରଶ୍ନ : ପୁରାତନ ଯୋଗୀମାନେ ଶରୀର ଓ ସଂସାର ତ୍ୟାଗ କରି ମୁକ୍ତି, ନିର୍ବାଣ ତଥା ଭଗବତ୍‌ପ୍ରାପ୍ତି କରିଛନ୍ତି । ସେମାନଙ୍କ ଦ୍ୱାରା ସଂସାରର ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ ଦୂର ହେବ ନାହିଁ କିଂବା ଜୀବନରେ ପୂର୍ଣ୍ଣତା ପ୍ରାପ୍ତି ହେବ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ହେଉଛି ଶରୀର ଓ ସଂସାରକୁ ତ୍ୟାଗ ନ କରି ଏହାକୁ ରୂପାନ୍ତରିତ କରିବା ଯାହାଫଳରେ ସଂସାରରୁ ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଅନ୍ୟାୟ ତଥା ଦାରିଦ୍ର୍ୟ ଦୂର ହେବ । ମୃତ୍ୟୁପୁରୀ ଭଗବତ୍ ଦିବ୍ୟଧାମରେ ପରିଣତ ହେବ । ଏହାହିଁ ପୁରାତନ ଯୋଗ ତଥା ଶ୍ରୀଅରବିନ୍ଦଙ୍କ ଯୋଗରେ ପାର୍ଥକ୍ୟ । ଶ୍ରୀଅରବିନ୍ଦଙ୍କ ଯୋଗସିଦ୍ଧିହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଓ କାମ୍ୟ । କିନ୍ତୁ ଯେଉଁମାନେ ପୁରାତନ ଯୋଗର ସାଧକ, ଯେଉଁମାନଙ୍କର ଗୁରୁ ଅଛନ୍ତି, ସେମାନେ ନିଜର ସାଧନା ଓ ନିଜ ଗୁରୁଙ୍କୁ ଛାଡ଼ି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବେ କିପରି ? ଶାସ୍ତ୍ରରେ ଗୁରୁନିଷ୍ଠାର ବହୁତ ମହତ୍ତ୍ୱ ଓ ଅନ୍ୟ ପକ୍ଷରେ ଗୁରୁତ୍ୟାଗ କରିବାର ବହୁତ ଅପରାଧ ବର୍ଣ୍ଣିତ ହୋଇଅଛି । ଏହାର ସମାଧାନ କ'ଣ ?

ଉତ୍ତର : ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଦ୍ୱାରା ପୁରାତନ ଯୋଗରେ ଗୁରୁଙ୍କ ଦ୍ୱାରା ଉପଦିଷ୍ଟ ଭଗବତ୍‌ପ୍ରାପ୍ତି ଲକ୍ଷ୍ୟ, ଜ୍ଞାନ ତଥା ଭକ୍ତି ବ୍ୟାପକ, ବିଶାଳ ଓ ପୂର୍ଣ୍ଣ ହେଉଥିବାରୁ ତତ୍ତ୍ୱତଃ ପୁରାତନ ଯୋଗର ଗୁରୁଙ୍କ ଉପଦିଷ୍ଟ ଭଗବତ୍ ଲକ୍ଷ୍ୟ ତ୍ୟାଗ କରାହୁଏ ନାହିଁ । ଗୁରୁଙ୍କ ଉଦ୍ଦେଶ୍ୟ ହେଲା ଶିଷ୍ୟକୁ ଅଜ୍ଞାନ, ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ ଓ ଜନ୍ମମରଣରୁ ମୁକ୍ତ କରାଇ ଭଗବତ୍ ପ୍ରାପ୍ତି କରାଇବା । ଭଗବାନ୍ ଏକ । ସେହିଁ ସାକାର, ସେହିଁ ନିରାକାର ଓ ସେହିଁ ସାକାର-ନିରାକାରର ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱ । ପୁରାତନ ଯୋଗୀମାନେ ଭଗବାନଙ୍କର କେହି ସାକାର, କେହି ନିରାକାର ତତ୍ତ୍ୱ ଉପଲବ୍ଧି କରିଅଛନ୍ତି । ଏକସଙ୍ଗେ ସାକାର, ନିରାକାର ଓ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରିପାରି ନାହାନ୍ତି । ସେହି ସକାଶେ ଭିନ୍ନ ଭିନ୍ନ ସଂପ୍ରଦାୟ ତଥା ଦର୍ଶନରେ ବିରୋଧ ମତବାଦ ସୃଷ୍ଟି ହୋଇଛି । ଭଗବାନଙ୍କ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧ ହୁଏ ଅତିମାନସ ଚେତନାରେ । ଭଗବାନ୍ ସର୍ବାବସ୍ଥାରେ ଚେତନାର ସର୍ବ ସ୍ତରରେ ପରିପୂର୍ଣ୍ଣ ଥାଆନ୍ତି । ସେ କୌଣସି ଅବସ୍ଥାରେ କମ୍ ବେଶୀ ହୁଅନ୍ତି ନାହିଁ । କିନ୍ତୁ ବ୍ୟକ୍ତି ଅତିମାନସ ଚେତନାର ନିମ୍ନସ୍ଥ କୌଣସି ଚେତନାସ୍ତରରେ ଭଗବାନଙ୍କ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧି କରିପାରେ ନାହିଁ । ପୁରାତନ ଯୋଗୀମାନେ ସାକାର ଏବଂ ନିରାକାର ଏହି ଉଭୟ ପୁରୁଷୋତ୍ତମ ତତ୍ତ୍ୱକୁ ମନ, ପ୍ରାଣ ଏବଂ ଶରୀରରେ ପ୍ରାପ୍ତ ହୋଇ ନ ଥିବାର ପ୍ରତ୍ୟକ୍ଷ ପ୍ରମାଣ ହେଉଛି ସେମାନଙ୍କ ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହୋଇ ନାହିଁ । ସେମାନଙ୍କ ଶରୀର ରୂପାନ୍ତରିତ ହୋଇଥିଲେ ଆଜି ଆମ୍ଭେମାନେ ଏହି ସଂସାରରେ ଆମ୍ଭମାନଙ୍କ ଏହି ଚର୍ମଚକ୍ଷୁରେ ସେମାନଙ୍କ ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୋଇଥିବା ଦିବ୍ୟମାନବରୂପେ ଦେଖିଥାଆନ୍ତୁ ଏବଂ ଏହି ମୃତ୍ୟୁପୁରୀ ଦିବ୍ୟ ଭଗବତ୍‌ଧାମରେ ପରିଣତ ହୋଇଥାଆନ୍ତା । ମାନସ ଚେତନାର ବିକାଶ ସମାପ୍ତ ହୋଇ ନ ଥିବାରୁ ତା'ର ସମୟ ଆସି ନ ଥିଲା ।

ପୁରାତନ ଯୋଗରେ ଯେଉଁ ଗୁରୁମାନେ ଭଗବତ୍ ସନ୍ଧାନ ଆଂଶିକ ରୂପେ ଦେଇଥିଲେ ସେହି ଭଗବାନ୍ ପୂର୍ଣ୍ଣରୂପେ ଶ୍ରୀଅରବିନ୍ଦଙ୍କ ଯୋଗରେ ପ୍ରାପ୍ତ ହେଉଥିବାରୁ ପୁରାତନ ଯୋଗର ସାଧକମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ସେମାନଙ୍କୁ ଯଥାର୍ଥରେ ପୂର୍ବ ଗୁରୁ ଓ ପୂର୍ବ ଯୋଗ ତ୍ୟାଗ କରିବାକୁ ହୁଏ ନାହିଁ, ସ୍ୱଷ୍ଟରୂପେ ତାହା ପୂର୍ଣ୍ଣ ହୁଏ । ଗୁରୁ ତ୍ୟାଗ କରି ଅନ୍ୟ ଗୁରୁ ଗ୍ରହଣ କରିବାରେ ଦୋଷ ହେବା ବିଷୟ ଶାସ୍ତ୍ରରେ ଯେତେବେଳେ ଲେଖାହୋଇଥିଲା ସେତେବେଳେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସଂସାରରେ ପ୍ରଚଳିତ ନ ଥିଲା । ଶାସ୍ତ୍ର ନିଷେଧ କରିଛି କେବଳ ପୁରାତନ ଯୋଗର କୌଣସି ମାର୍ଗ ତ୍ୟାଗ କରି ସେହି ପୁରାତନ ଯୋଗର ଅନ୍ୟ ମାର୍ଗ ଗ୍ରହଣ କରିବାକୁ । କାରଣ ପୁରାତନ କୌଣସି ଯୋଗରେ ଭଗବତ୍‌ପ୍ରାପ୍ତିର ମାର୍ଗ ଏକଠାରୁ ଅନ୍ୟଟି ଅତି ଭିନ୍ନ । ପୁରାତନ ଯୋଗରେ ଅତିମାନସ ସତ୍ୟ ପ୍ରାପ୍ତ ହୋଇ ନ ଥିବାରୁ ପୂର୍ଣ୍ଣ ସମନ୍ୱୟ କରା ହୋଇପାରି ନାହିଁ । ପୁରାତନ ସମସ୍ତ ଯୋଗ ଓ ସେସବୁର ଲକ୍ଷ୍ୟସିଦ୍ଧି ସତ୍ୟ ହୋଇଥିବା ସତ୍ତ୍ୱେ ପରସ୍ପର ମଧ୍ୟରେ ବିରୋଧ ମତବାଦ ଦୃଷ୍ଟିଗୋଚର ହେଉଅଛି । ଏହି ସମସ୍ତ ବିରୋଧ ସିଦ୍ଧାନ୍ତର ପୂର୍ଣ୍ଣରୂପେ ସମନ୍ୱୟ ହୋଇଛି ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ । ଅତଏବ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ ଗୁରୁତ୍ୟାଗ କରିବା ଉକ୍ତି

ପ୍ରଯୁଜ୍ୟ ନୁହେଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧି ହେବାରୁ ମୃତ୍ୟୁ, ରୋଗ, ଜରାରୁ ମୁକ୍ତ ଯେଉଁ ଦିବ୍ୟଜୀବନ ପ୍ରାପ୍ତ କରା ହୁଏ, ତାହା ବେଦ ଉପନିଷଦରେ ଲକ୍ଷିତ ହୋଇଅଛି । ଶ୍ରୀଅରବିନ୍ଦଙ୍କ ଦିବ୍ୟଜୀବନ ଗ୍ରନ୍ଥରେ ବେଦର ବହୁ ମନ୍ତ୍ର ଉଦ୍ଧୃତ କରାହୋଇଅଛି । କିନ୍ତୁ ଏହି ସତ୍ୟ ପ୍ରକାଶ ହେବାର ସମୟ ଆସି ନ ଥିବାରୁ ପୁରାତନ ଯୋଗୀମାନେ ଏହି ସତ୍ୟ ନିହିତ ଥିବା ବେଦ ତଥା ଉପନିଷଦ ମନ୍ତ୍ରକୁ ଯଥାର୍ଥ ବ୍ୟାଖ୍ୟା କରି ନାହାନ୍ତି । ଗୀତାରେ ମଧ୍ୟ ଏହି ରୂପାନ୍ତର ଓ ଦିବ୍ୟଜୀବନର ସଙ୍କେତ ଶ୍ରୀକୃଷ୍ଣ କରିଅଛନ୍ତି ।

ଜରାମରଣମୋକ୍ଷାୟ ମାମାଶ୍ରିତ୍ୟ ଯତନ୍ତି ଯେ ।
ତେ ବ୍ରହ୍ମ ତଦ୍‌ବିଦୁଃ କୃତ୍ସ୍ନମଧ୍ୟାତ୍ମଂ କର୍ମ ଚାଖିଲମ୍ ॥
(ଗୀତା, ଅ-୭, ଶ୍ଳୋକ-୨୯)

ଏହାର ସିଧା ଅର୍ଥ – ଜରା-ମରଣରୁ ମୁକ୍ତ ହେବା ସକାଶେ ଯିଏ ମୋ ଆଶ୍ରିତ ହୋଇ ସାଧନା କରନ୍ତି, ସେ ଅଧ୍ୟାତ୍ମ ତଥା ସଂପୂର୍ଣ୍ଣ କର୍ମ ସହିତ ସମଗ୍ର ବ୍ରହ୍ମକୁ ଜାଣି ନିଅନ୍ତି ।

ଏହି ଗୋଟିଏ ଶ୍ଳୋକରେ ଶ୍ରୀକୃଷ୍ଣ ନିଜର ପୁରୁଷୋତ୍ତମ ସ୍ୱରୂପ ତଥା ଜରାରୁ ମୋକ୍ଷପ୍ରାପ୍ତି ସମ୍ବନ୍ଧେ କହିଥିବାରୁ ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀରରୂପାନ୍ତର ତଥା ଶରୀରରେ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧିର ସ୍ପଷ୍ଟ ସଂକେତ ମିଳୁଅଛି ।

ଜରାରୁ ମୋକ୍ଷର ସ୍ପଷ୍ଟ ଏବଂ ସିଧା ଅର୍ଥ – ବୃଦ୍ଧତ୍ୱରୁ ମୁକ୍ତ ଦିବ୍ୟଜୀବନ । ଅନ୍ୟଥା ଶ୍ରୀକୃଷ୍ଣ କହିଥା'ନ୍ତେ, ''ଜନ୍ମମରଣମୋକ୍ଷାୟ ।'' କେହି କେହି ଯୁକ୍ତି ଦିଅନ୍ତି, ''ଶ୍ରୀକୃଷ୍ଣଙ୍କ ଅଭିପ୍ରାୟ ଜରା ଅର୍ଥାତ୍ ବୃଦ୍ଧତ୍ୱରୁ ମୋକ୍ଷ ନୁହେଁ, କିନ୍ତୁ ପ୍ରଚଳିତ ଭାଷା ଅନୁସାରେ ମରଣ ସହିତ ସନ୍ଧି ପ୍ରୟୋଗ କରାହୋଇଅଛି ।'' ଏହି ଯୁକ୍ତି ଏକେବାରେ ଅସଙ୍ଗତ । ଗୀତା, ବେଦ, ଉପନିଷଦସବୁ ଗଳ୍ପ କିଂବା କାହାଣୀ ନୁହେଁ, ପ୍ରତ୍ୟେକ ଶବ୍ଦ, ପ୍ରତ୍ୟେକ ଅକ୍ଷର ହେଉଛି ମନ୍ତ୍ର । ପ୍ରତ୍ୟେକ ଶବ୍ଦ ଓ ପ୍ରତ୍ୟେକ ଅକ୍ଷର ଗୂଢ଼ ଅର୍ଥକୁ ଧାରଣ କରିଅଛି । ଶ୍ରୀଅରବିନ୍ଦଙ୍କ ଯୋଗଛଡ଼ା ଅନ୍ୟ କୌଣସି ଯୋଗରେ ସାଧକର ମନ, ପ୍ରାଣ, ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତର ତଥା ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ସଂପୂର୍ଣ୍ଣରୂପେ ମୁକ୍ତ ହେବା ଧାରଣା ନ ଥିଲା । ସେହି କାରଣରୁ ଗୀତା, ଉପନିଷଦ, ବେଦରେ ଯେଉଁ ମନ୍ତ୍ର ବା ଶ୍ଳୋକରେ ଦିବ୍ୟଜୀବନର ସଙ୍କେତ ଥିଲା, ତାହାର ବିକୃତ ଅର୍ଥ କରା ହୋଇଥିଲା ।

ଅନ୍ୟ ପକ୍ଷରେ ପୁରାତନ ସମସ୍ତ ଯୋଗରେ କେହି ପୁରୁଷୋତ୍ତମ ତତ୍ତ୍ୱଙ୍କ ସଗୁଣ ରୂପ, କେହି ନିର୍ଗୁଣରୂପ ଉପଲବ୍ଧି କରନ୍ତି । ଏକ ସଙ୍ଗେ ସଗୁଣ, ନିର୍ଗୁଣ ଏବଂ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧି କରିପାରନ୍ତି ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ଏହା ପ୍ରାପ୍ତ ହେବାରୁ ପୁରାତନ ଯୋଗୀମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ ଦୋଷ ବା ଅପରାଧ ହୋଇ ନ ପାରେ ବରଂ ଏଥିରେ ପୂର୍ଣ୍ଣତା ପ୍ରାପ୍ତ ହୁଏ । ଏହାଛଡ଼ା ଗୀତା ପୁରୁଷୋତ୍ତମ ତତ୍ତ୍ୱ ପ୍ରତିପାଦନ କରି ଏହାକୁ ସମର୍ଥନ କରି କହିଛନ୍ତି –

ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥
(ଅ. ୧୫, ଶ୍ଳୋକ-୧୮)

ଏହି ଶ୍ଳୋକରେ ସଗୁଣ ଏବଂ ନିର୍ଗୁଣ ତଥା ଏହି ଉଭୟର ଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱ ପ୍ରତିପାଦିତ ହୋଇଅଛି ।

# କର୍ମ ଓ ଶିକ୍ଷାର ଭିତ୍ତି : ଯୋଗ

କର୍ମ ଏବଂ ଶିକ୍ଷା ହେଲା ମନୁଷ୍ୟର ଉନ୍ନତି ଲାଗି ପ୍ରଧାନ ଉପାୟ । ଏହାର ଭିତ୍ତି ଯେବେ ଯୋଗ ହୁଏ ତେବେ ଯଥାର୍ଥରେ ଏହା ପୂର୍ଣ୍ଣାଙ୍ଗ ଏବଂ ଫଳପ୍ରସୂ ହୁଏ । ବହୁତ ବ୍ୟକ୍ତିଙ୍କ ଭ୍ରମ ଧାରଣା ଯେ ଅଧ୍ୟାତ୍ମ ସାଧନା ଏବଂ ସାମାଜିକ ଜୀବନ, ଏହି ଦୁଇଟି ପରସ୍ପରର ବିରୋଧୀ । ଏହାର କାରଣ ହେଉଛି ମଧ୍ୟଯୁଗର ଅଧ୍ୟାତ୍ମ ପଥ-ପ୍ରଦର୍ଶକମାନେ ସଂସାର-କର୍ମକୁ ବାଦ୍‌ଦେଇ ମୁକ୍ତି ନିର୍ବାଣମାର୍ଗ ଗ୍ରହଣ କରିଥିଲେ । ସେ ସକାଶେ ଆଧ୍ୟାତ୍ମିକତାର ନାମ ଶୁଣିବାମାତ୍ରେ ସଂସାରରେ ରହୁଥିବାର ବ୍ୟକ୍ତିଙ୍କୁ ଗୋଟିଏ ସଂସାର ବିରାଗୀ ସନ୍ନ୍ୟାସୀ-ରୂପର ଧାରଣା ହେଉଥିଲା ଏବଂ ଏହି ଅଧ୍ୟାତ୍ମବାଦ ସଂସାର ଉନ୍ନତିରେ ଏକମାତ୍ର ବାଧକ ବୋଲି ଭାବି ନିଆ ହୋଇଥିଲା । ଅଳ୍ପ କେତେକଙ୍କୁ ବାଦ୍ ଦେଲେ ସଂସାରରେ ରହୁଥିବାର ବ୍ୟକ୍ତି ଅଧ୍ୟାତ୍ମ ସତ୍ୟରୁ ପୃଥକ୍ ରହି ସଂସାର ତଥା ପରିବାରର ଉନ୍ନତି କାର୍ଯ୍ୟରେ ଲିପ୍ତ ରହୁଥିଲେ । କିନ୍ତୁ ସେଥିରେ ସେମାନଙ୍କୁ ସ୍ଥାୟୀ ସୁଖଶାନ୍ତି ପ୍ରାପ୍ତ ହେଉ ନ ଥିଲା କିଂବା କର୍ମ ସର୍ବାଙ୍ଗସୁନ୍ଦର ହେଉ ନ ଥିଲା । ସମସ୍ତ ବ୍ୟକ୍ତିଙ୍କ ହିତସାଧନ ମଧ୍ୟ ପୂର୍ଣ୍ଣ ହେଉ ନ ଥିଲା । ଯଥାର୍ଥରେ କର୍ମ ସର୍ବାଙ୍ଗସୁନ୍ଦର ଓ ପୂର୍ଣ୍ଣ ହୁଏ ଏବଂ ସୁଖଶାନ୍ତି ପ୍ରାପ୍ତ ହୁଏ ଅଧ୍ୟାତ୍ମ ଅତିମାନସ ସତ୍ୟ ଆଧାରରେ ଏହାର ଆଚରଣ କରାହେଲେ ।

କାର୍ଯ୍ୟକାରୀ କ୍ଷମତା ପ୍ରାଣଶକ୍ତିର । ସେହି ଶକ୍ତି ଯଦି ଅତିମାନସ ଯୋଗ ଦ୍ୱାରା ନିୟନ୍ତ୍ରିତ ନ ହୁଏ, ତେବେ ମହତ୍ତ୍ୱପୂର୍ଣ୍ଣ ଉନ୍ନତ କାର୍ଯ୍ୟରେ ବି ବ୍ୟକ୍ତିଙ୍କୁ ଭୋଗ ବିଳାସ, ମହଦାକାଙ୍କ୍ଷା, ପ୍ରଲୋଭନ ଆଦି ପ୍ରେରଣା ନିମ୍ନଗାମୀ କରାଇପାରେ । ଶାରୀରିକ ବଳବିଶିଷ୍ଟ ବ୍ୟକ୍ତି ଯୋଗ ଦ୍ୱାରା ନିୟନ୍ତ୍ରିତ ନ ହେଲେ ପଶୁତୁଲ୍ୟ କାର୍ଯ୍ୟକରେ । ଯୋଗବିନା ମନୁଷ୍ୟ ଏପରି ଅଜ୍ଞାନ ରହେ ଯେ ନିଜ ମଧ୍ୟରେ କେତେବେଳେ କେଉଁ ଶକ୍ତି କ୍ରିୟାକରି ସୁପ୍ରବୃତ୍ତି ବା କୁପ୍ରବୃତ୍ତିର ପ୍ରେରଣା ଦେଇ ମନୁଷ୍ୟକୁ କପିତୁଲ୍ୟ ନଚାଉଥାଏ, ତାହା ସେ ଜାଣିପାରେ ନାହିଁ ।

ଅତିମାନସ ଯୋଗର ଆଶ୍ରୟ ଛଡ଼ା ବ୍ୟକ୍ତି ପରିବାର ସହିତ ଜୀବିକା ନିର୍ବାହ ସଂସ୍ଥାରେ, ସମାଜରେ, ଦେଶ-ବିଦେଶରେ ଠିକ୍ ଠିକ୍ ଭାବରେ ବ୍ୟବହାର କରିପାରେ ନାହିଁ । ନିଷ୍କପଟ ହୋଇ ସ୍ୱାର୍ଥ ତ୍ୟାଗ କରିପାରେ ନାହିଁ । କାରଣ ତା' ସମ୍ମୁଖରେ କୌଣସି ଉଚ୍ଚ ଆଦର୍ଶର ଲକ୍ଷ୍ୟ ନ ଥାଏ । ସେଥିପାଇଁ ସମସ୍ତ ସ୍ଥାନରେ ଆସେ ଦ୍ୱନ୍ଦ୍ୱ, ହିଂସା, ଦ୍ୱେଷ, ବୈର, ବିରୋଧ; ଯଥାର୍ଥ ଶାନ୍ତି ଓ ସୁଖ ମିଳେ ନାହିଁ । ଯେଉଁ ଯେଉଁ ସ୍ଥାନରେ ଶାନ୍ତି, ସମତାର କଥା କହେ, ତାହା ରହେ କେବଳ ବାକ୍ୟରେ, କାର୍ଯ୍ୟରେ ପରିଣତ ହୁଏ ନାହିଁ । ଅତିମାନସ ଯୋଗ ଦ୍ୱାରା ଲକ୍ଷ୍ୟସିଦ୍ଧି ହୁଏ ଏବଂ ସାଂସାରିକ ଜୀବନରେ ବି ସୁଖଶାନ୍ତି ମିଳେ । ସେହି କାରଣରୁ ପ୍ରତ୍ୟେକ ବ୍ୟକ୍ତି ଅତିମାନସ ଯୋଗ ଗ୍ରହଣ ତଥା ଆଚରଣ କରିବା ଆବଶ୍ୟକ ।

ମନୁଷ୍ୟର ଶରୀର, ପ୍ରାଣ, ମନର ବିକାଶ ଅନିବାର୍ଯ୍ୟ । ଏହାଛଡ଼ା ଜୀବନ ଅପୂର୍ଣ୍ଣ ରହେ ଏବଂ ତା' ମଧ୍ୟରେ ପଶୁତ୍ୱ ଦେଖାଯାଏ । ଏଥିରେ ପୂର୍ଣ୍ଣତାକୁ ପ୍ରାପ୍ତ ହେବା ନିର୍ଭର କରେ ଶିକ୍ଷା, ବାତାବରଣ ଏବଂ ଗ୍ରହଣଶୀଳତା ଉପରେ । କିନ୍ତୁ ଏହାର ବେଶୀ ପ୍ରଭାବ ପଡ଼େ ବାଲ୍ୟାବସ୍ଥାରେ । ବାଲ୍ୟ ଅବସ୍ଥା କଞ୍ଚାମାଟି ସଦୃଶ ନମନୀୟ ଥାଏ । ସେସମୟରେ ସେମାନଙ୍କୁ ଶିକ୍ଷା ଦ୍ୱାରା ନାନାରୂପେ ଗଢ଼ା ଯାଇପାରେ । କିନ୍ତୁ ଶିଶୁମାନଙ୍କୁ ସେହିପରି ବ୍ୟକ୍ତି ଶିକ୍ଷାଦେଇ ପାରନ୍ତି, ଯେ କି ଯୋଗୀ ଏବଂ ଉତ୍ତମ ବାତାବରଣ ସୃଷ୍ଟି କରିପାରନ୍ତି । ସେଥିପାଇଁ ପୁରାତନ କାଳରେ ମୁନି ଋଷିଙ୍କ ଆଶ୍ରମରୁ ରାଜକୁମାର ଏବଂ ଅନ୍ୟାନ୍ୟ ବାଳକମାନେ ଶିକ୍ଷା ପ୍ରାପ୍ତ ହୋଇ ସୁଚାରୁରୂପେ ନାନାପ୍ରକାର କାର୍ଯ୍ୟ କରୁଥିଲେ । ସେସମୟରେ ସାମୂହିକରୂପେ ନୁହେଁ କିନ୍ତୁ ବ୍ୟକ୍ତିଗତରୂପେ କିଛି ଅଂଶରେ କର୍ମ ସହିତ ଆଧ୍ୟାତ୍ମିକତାର ସାମଞ୍ଜସ୍ୟ ଥିଲା । ପରବର୍ତ୍ତୀ ଯୁଗରେ ଅଧ୍ୟାତ୍ମବାଦୀମାନେ ବାହାରର ଯାବତୀୟ ବ୍ୟାବହାରିକ କର୍ମ ଛାଡ଼ିଦେବାରୁ ତାଙ୍କର ବାହ୍ୟ ସତ୍ତା ଯେପରି ସେହିପରି ଅଶୁଦ୍ଧ ରହିଗଲା; ମାତ୍ର ଆତ୍ମା ଯେ'କି ସଦାମୁକ୍ତ ସେ ମୁକ୍ତ ହୋଇଗଲା । ସେ ସକାଶେ ଏମାନେ ପୂର୍ଣ୍ଣତାଲାଭ କରିପାରିଲେ ନାହିଁ । ଏମାନେ ସ୍ୱୟଂ ବାହ୍ୟ ସତ୍ତାକୁ ଅଶୁଦ୍ଧ ଅବସ୍ଥାରେ ଛାଡ଼ିଦେବାରୁ ଏମାନଙ୍କ ଦ୍ୱାରା ମନୁଷ୍ୟଜାତିର ସେପରି କିଛି ଲାଭ ହେଲା ନାହିଁ, ଯେପରିକି ସଂସାରକୁ ଆବଶ୍ୟକ ଥିଲା । ସଂସାରୀ ଲୋକେ

ଆଧ୍ୟାତ୍ମିକତାକୁ ଭୁଲିଗଲେ । ସେମାନଙ୍କ ନିକଟରେ ଏହା ଗୋଟିଏ ଅନାବଶ୍ୟକ, ନିରର୍ଥକ ବସ୍ତୁ ହୋଇପଡ଼ିଲା । ଏହାର ପରିଣାମ ଯାହା ହେଲା ତାହା ଆଜି ପ୍ରତ୍ୟେକଙ୍କ ସମ୍ମୁଖରେ ବିଦ୍ୟମାନ । ଜଣେ ଖୁବ୍ ବିଦ୍ୱାନ୍, ଏକ ଦିଗରେ ବୁଦ୍ଧି ଖୁବ୍ ବିକଶିତ କିନ୍ତୁ ଅନ୍ୟ ଦିଗରେ ଶରୀର ମଧ୍ୟରେ ଥିବା ସୂକ୍ଷ୍ମ ସୁପ୍ତ ଶକ୍ତି ସମ୍ବନ୍ଧରେ ଏକେବାରେ ଅଜ୍ଞାନ; ସ୍ୱାର୍ଥ ଆଉ ଅହଂ ହେତୁ ପରସ୍ପର ବିରୋଧ, ଅନ୍ୟର ସର୍ବନାଶରେ ନିଜର ସୁବିଧା କାମନା ତଥା ଭୋଗବିଳାସ ପ୍ରତି ସର୍ବଦା ରୁଚି ରହିଛି ଓ ନିଜର ପ୍ରଭୁତ୍ୱ ସ୍ଥାପନ ସକାଶେ ଅନ୍ୟ ଉପରେ ଅତ୍ୟାଚାର କରୁଛି । ଏସବୁ ତ୍ରୁଟିର ଏକମାତ୍ର କାରଣ ହେଲା ଜୀବନରୁ ଯୋଗକୁ ବାଦ୍‌ଦେବା । ଏହିସବୁ ବେଶୀ ପରିମାଣରେ ନିର୍ଭର କରେ ଶିକ୍ଷା ଉପରେ । ପ୍ରଥମରେ ବାଳକ ଶିକ୍ଷା ପାଏ ପିତାମାତା ଏବଂ ଶିକ୍ଷକଙ୍କଠାରୁ । ସେମାନେ ଯଦି ସ୍ୱୟଂ ମିଥ୍ୟା କହି ବାଳକକୁ ସତ୍ୟ କହିବାକୁ ଶିକ୍ଷା ଦିଅନ୍ତି, ନିଜେ ସ୍ୱାର୍ଥ ସକାଶେ ସମସ୍ତ କର୍ମ କରି ପିଲାଙ୍କୁ ସ୍ୱାର୍ଥ ତ୍ୟାଗର ଉପଦେଶ ଦିଅନ୍ତି, ସ୍ୱୟଂ ହିଂସା କରି ସମତାର ଆଦେଶ ଦିଅନ୍ତି, ତେବେ ତାହାର ପରିଣାମ ତାହାହିଁ ହୁଏ, ଯାହାକି ଆମ୍ଭେମାନେ ଆଜି ଦେଖୁଅଛୁ ।

ଆଜି ଆମ୍ଭ ଦେଶରେ କେତେକ ଭାଇ ଗୋଟିଏ ସମତାର ଆଦର୍ଶ ସ୍ଥାପନ କରିବାକୁ ବ୍ୟଗ୍ର । ସେମାନେ ଚାହୁଁଛନ୍ତି ସମସ୍ତଙ୍କୁ ଭୋଜନ, ବସ୍ତ୍ର ଏବଂ ରହିବାକୁ ଘର ମିଳିଗଲେ, ସମତା ଆସିଗଲା । ଯଦ୍ୟପି ଏହାର ଆବଶ୍ୟକତା ଅଛି ତଥାପି ଏହା ଯଥେଷ୍ଟ ନୁହେଁ । କେବଳ ଏଥିରେହିଁ ଜୀବନ-ସମସ୍ୟାର ସମାଧାନ ହୁଏ ନାହିଁ । ଯେପର୍ଯ୍ୟନ୍ତ ବ୍ୟକ୍ତିର ଅନ୍ତରରେ ଶାନ୍ତି ଓ ସମତା ପ୍ରତିଷ୍ଠିତ ନ ହୋଇଛି, ଯେପର୍ଯ୍ୟନ୍ତ ବ୍ୟକ୍ତିର ଅନ୍ତର ହିଂସା, ଦ୍ୱେଷ ଏବଂ ସ୍ୱାର୍ଥ ଦ୍ୱାରା ନିୟନ୍ତ୍ରିତ ହେଉଅଛି, ସେପର୍ଯ୍ୟନ୍ତ କେବଳ ବାହ୍ୟ ଭୋଜନ, ବସ୍ତ୍ର ଓ ବାସଗୃହ ମିଳିଗଲେ ମଧ୍ୟ ବ୍ୟକ୍ତି ସୁଖଶାନ୍ତି ପ୍ରାପ୍ତ ହୋଇପାରେ ନାହିଁ । ଆନ୍ତର ଶାନ୍ତି ଓ ସମତା ଅପରିହାର୍ଯ୍ୟ । ଏହି ଉଭୟରେହିଁ ଜୀବନର ପୂର୍ଣ୍ଣ ଓ ସର୍ବାଙ୍ଗୀଣ ବିକାଶ ହୁଏ । ଆନ୍ତର ଶାନ୍ତି ବ୍ୟତୀତ ବାହ୍ୟ ସୁଖସୁବିଧା ଲାଭ କଲେ ମଧ୍ୟ ଅନ୍ୟ ଅନେକ ଅଭାବ ଅସୁବିଧା ବ୍ୟକ୍ତିର ସମ୍ମୁଖକୁ ଆସେ । ଅନ୍ତରର ଅଶାନ୍ତି ବାହାରର କୌଣସି ଘଟଣାକୁ ଆଶ୍ରୟ କରି ଦ୍ୱନ୍ଦ୍ୱ ସୃଷ୍ଟି କରେ । ଅନ୍ତରରେ ଶାନ୍ତି ଓ ସମତା ଲାଭ କଲେ ବାହ୍ୟ ବିଷମତା ମଧ୍ୟରେ ବି ଦକ୍ଷତା ସହିତ ସଂସାରର କର୍ମ ସାଧିତ ହୁଏ ତଥା ସଂସାରରୁ ଅଭାବ, ଦରିଦ୍ରତା ଦୂର ହୁଏ ଏବଂ ଦେଶ ବି ଉନ୍ନତ ହୁଏ । ଆନ୍ତର ଶାନ୍ତି, ସମତା ଛଡ଼ା ବାହ୍ୟ ଜୀବନର କର୍ମ, ବ୍ୟବହାର ଏବଂ ସମାଜରେ କୌଣସି ପ୍ରକାର ସମତା ସ୍ଥାପନ କରାଯାଇପାରେ ନାହିଁ । ଏହା ପ୍ରକୃତିର ନିୟମ ।

ଗୋଟିଏ ଗଛରେ ଫଳ ଫଳେ । ତା' ମଧ୍ୟରେ ଛୋଟ ବଡ଼, ଭଲମନ୍ଦ ଫଳ ଥାଏ । ଜମିରେ ମଧ୍ୟ ଏକପ୍ରକାର ବିହନ ବୁଣା ହୁଏ, ପାଣି ଏବଂ ସାର ସମାନଭାବେ ଦିଆ ହୁଏ, ସେଥିରେ ବି ସମାନ ଗଛ ହୁଏ ନାହିଁ । ଏହି କାରଣରୁ ସଂସାରରେ ଓ ସମାଜରେ ବିଭିନ୍ନତା ଅନିବାର୍ଯ୍ୟ । ଯଦିଓ ଆଇନ ଦ୍ୱାରା ସମାନ ବିଧାନ କରାହୁଏ ତଥାପି ପ୍ରକୃତି ତାକୁ ଭାଙ୍ଗିଦିଏ ଏବଂ ବୈଷମ୍ୟ ନେଇଆସେ । ଅତଏବ ସମସ୍ୟାର ଯଥାର୍ଥ ସମାଧାନ ବାହ୍ୟ ବ୍ୟବସ୍ଥାରେ ନାହିଁ, ଆନ୍ତରିକ ପରିବର୍ତ୍ତନରେ ରହିଅଛି । ଅନ୍ତରର ସାମ୍ୟ ଅବସ୍ଥାରେ ବ୍ୟକ୍ତି ଅନ୍ୟର ଉନ୍ନତିରେ ବା ସୁଖ ସୁବିଧାରେ ଈର୍ଷା କରେ ନାହିଁ । ଏହାର ଉଦାହରଣ ହେଲା ଆମ୍ଭମାନଙ୍କ ଶାରୀରିକ ଅଙ୍ଗପ୍ରତ୍ୟଙ୍ଗ । ପ୍ରତ୍ୟେକ ଅଙ୍ଗ ନିଜ ନିଜ ଯୋଗ୍ୟତା ଅନୁଯାୟୀ ଉଚ୍ଚନୀଚ, ଛୋଟବଡ଼ କାମ କରେ । ଏକ ଅନ୍ୟର ଆଜ୍ଞା ବିନା ଦ୍ୱିଧାରେ ପାଳନ କରେ । ମସ୍ତକ ଉପରେ ପ୍ରହାର ପଡ଼ିବା ପୂର୍ବରୁ ହସ୍ତ ଉପରକୁ ଉଠି ମସ୍ତକକୁ ରକ୍ଷା କରେ । ଦନ୍ତ ଦ୍ୱାରା ଜିହ୍ୱା କେବେ ଆଘାତ ପାଇଲେ ବି ତାହା ଦନ୍ତ ଉପରେ ବିରକ୍ତ ହୁଏ ନାହିଁ । ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରେ ଥାଏ ଗୋଟିଏ ଅଖଣ୍ଡ ଅଭିନ୍ନତା । ସେହି କାରଣରୁ ସେମାନଙ୍କ ମଧ୍ୟରେ କେବେ ବି ବିଷମତା ସୃଷ୍ଟି ହୁଏ ନାହିଁ । ଶରୀରର ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରେ ଯେପରି ଏକତ୍ୱ ରହିଛି, ସେହିପରି ଏକତ୍ୱ ରହିଅଛି ପ୍ରତ୍ୟେକ ବ୍ୟକ୍ତିର ଅନ୍ତରାତ୍ମାରେ । ତାହା ବିକଶିତ ହୋଇ ନ ଥିବାରୁ ପ୍ରତ୍ୟେକ ବ୍ୟକ୍ତି ଅନ୍ୟଠାରୁ ନିଜକୁ ଭିନ୍ନ ମନେ କରେ । ସେହି ସକାଶେ ଦ୍ୱନ୍ଦ୍ୱ ହୁଏ । ଆନ୍ତର ସମତା ବିକଶିତ ହେବାର ସମୟ ଆସିଛି । ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ଆତ୍ମତତ୍ତ୍ୱରେ ରୂପାନ୍ତରିତ ହେଲେ ପରସ୍ପର ମଧ୍ୟରେ ଯେଉଁ ଭିନ୍ନତା ବା ପାର୍ଥକ୍ୟବୋଧ ରହିଛି ତାହା ଦୂର ହେବ ଏବଂ ସାମଞ୍ଜସ୍ୟ ପ୍ରତିଷ୍ଠା ହେବ । ସମସ୍ତ ବ୍ୟକ୍ତିଙ୍କ ମନ, ପ୍ରାଣ, ଶରୀର ଏବଂ ଆତ୍ମା ଭଗବତ୍ ତତ୍ତ୍ୱରୁ ଆସିଛନ୍ତି । ଶରୀର, ମନ, ପ୍ରାଣ ବିକୃତ ହୋଇଥିବାରୁ ବ୍ୟକ୍ତିର ପୃଥକ୍‌ବୋଧ ହୋଇଅଛି । ଏହାସବୁ ଦିବ୍ୟ

ଆତ୍ମତତ୍ତ୍ୱରେ ରୂପାନ୍ତରିତ ହେଲେ ପୃଥକ୍‌ବୋଧ ପରିବର୍ତ୍ତେ ଏକତ୍ୱବୋଧ ସ୍ୱଭାବରେ ପରିଣତ ହେବ । ସେତେବେଳେ କୌଣସି ବ୍ୟକ୍ତି ଅନ୍ୟକୁ ହିଂସା କରିବ ନାହିଁ । ଅନ୍ୟର ସର୍ବନାଶ କରି ନିଜର ସୁଖ-ସୁବିଧା ପ୍ରାପ୍ତ ହେବା ସକାଶେ ପ୍ରଯତ୍ନ କରିବ ନାହିଁ । ଏହି ଲକ୍ଷ୍ୟ ସିଦ୍ଧ ହେବା ପୂର୍ବରୁ ଯଦି ବ୍ୟକ୍ତି ଯଥାର୍ଥ ଭାବେ ଏହି ଆଦର୍ଶ ଗ୍ରହଣ କରେ, ତେବେ ସେ ଲକ୍ଷ୍ୟସିଦ୍ଧି ମାର୍ଗରେ ଅଗ୍ରସର ହେବା ଅନୁପାତରେ କ୍ରମଶଃ ତା' ମଧ୍ୟରେ ସମତା ବୃଦ୍ଧି ହେଉଥାଏ, କାର୍ଯ୍ୟକାରୀ ଶକ୍ତିର ବିକାଶ ହୁଏ, ବହୁମୁଖୀ କର୍ମର ପ୍ରେରଣା ମିଳେ ।

ଏହି ଆଦର୍ଶକୁ ଆନ୍ତରିକତା ସହ ଅଧିକ ସଂଖ୍ୟାରେ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଆନ୍ତର ସମତା ଏବଂ କର୍ମକାରିଣୀ ଶକ୍ତିର ବିକାଶ ଅନୁସାରେ ଅନ୍ୟ ବ୍ୟକ୍ତିଙ୍କ ଉପରେ ତା'ର ପ୍ରଭାବ ପଡୁଥାଏ । ଅଳ୍ପସଂଖ୍ୟକ ବ୍ୟକ୍ତିଙ୍କ ଲକ୍ଷ୍ୟ ସିଦ୍ଧ ହେଲେ ବହୁସଂଖ୍ୟକ ବ୍ୟକ୍ତି ଏହି ଆଦର୍ଶକୁ ଗ୍ରହଣ କରନ୍ତି ଏବଂ ସଂସାରରୁ ବୈଷମ୍ୟ, ଦାରିଦ୍ର୍ୟ ଦୂର ହୁଏ ।

ପ୍ରତ୍ୟେକ ଛୋଟ ଛୋଟ ବ୍ୟାବହାରିକ କାର୍ଯ୍ୟରୁ ବଡ଼ ବଡ଼ କାର୍ଯ୍ୟ ପର୍ଯ୍ୟନ୍ତ କିପରି ସାମ୍ୟ ସ୍ଥାପନ କରିବାକୁ ହୁଏ ଏହାର ଆଦର୍ଶ ଦେଖିବାକୁ ହେଲେ, ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରେ ଦେଖାଯାଇପାରେ । ଆଶ୍ରମରେ ସାଧକମାନେ ପ୍ରତ୍ୟେକ ଛୋଟବଡ଼ କାର୍ଯ୍ୟ କରନ୍ତି । ଆବଶ୍ୟକ ଅନୁସାରେ ଭିନ୍ନ ଭିନ୍ନ ସ୍ଥାନରେ ରହନ୍ତି, ଦରକାର ଅନୁଯାୟୀ ଭିନ୍ନ ଭିନ୍ନ ବସ୍ତ୍ର ବ୍ୟବହାର କରନ୍ତି, କିନ୍ତୁ ବାହ୍ୟ ଦୃଷ୍ଟିରେ ବୈଷମ୍ୟ ଦେଖାଯାଉଥିଲେ ସୁଦ୍ଧା ସେମାନଙ୍କର ପରସ୍ପର ସାମଞ୍ଜସ୍ୟ ଥାଏ । ଏହାର କାରଣ ହେଲା ଶ୍ରୀଅରବିନ୍ଦ ଏବଂ ଶ୍ରୀମା ସେମାନଙ୍କୁ ଯେଉଁ ଆଦର୍ଶ ଦେଇଛନ୍ତି, ତାହା ବହୁତ ବିଶାଳ, ତାହା ପାଖରେ ଏସବୁ ଛୋଟବଡ଼ କାମ ମୂଲ୍ୟହୀନ । ପ୍ରଧାନ ଲକ୍ଷ୍ୟକୁ ମାନିନେବା ପରେ ମନୁଷ୍ୟ ଯେଉଁ ଛୋଟ ଛୋଟ ବସ୍ତୁ ସକାଶେ ଦ୍ୱନ୍ଦ୍ୱ ସୃଷ୍ଟିକରେ ସେସବୁ ନିରର୍ଥକ ହୋଇପଡ଼େ ।

ବର୍ତ୍ତମାନ ଯୁଗ-ପରିବର୍ତ୍ତନର ସମୟ । ପୁରାତନର କୌଣସି ଆଦର୍ଶ ଗ୍ରହଣ ଦ୍ୱାରା ପୃଥିବୀ ତଥା ମନୁଷ୍ୟ ମଧ୍ୟରେ ଥିବା ସମସ୍ୟାର ସମାଧାନ ହୋଇପାରିବ ନାହିଁ, ହେବ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରିବା ଦ୍ୱାରା । ସେହି ଆଦର୍ଶ ହେଲା ସଂସାର ଏବଂ କର୍ମରୁ ପୃଥକ୍ ହୋଇ ମୁକ୍ତି, ନିର୍ବାଣ ବା ଦିବ୍ୟଧାମରେ ଭଗବତ୍ ପ୍ରାପ୍ତ କରିବା ନୁହେଁ, ଯୋଗ ଆଶ୍ରୟରେ ସଂସାରର ସମସ୍ତ କର୍ମ ସମ୍ପାଦନ କରିବା । ସେଥିରେ ସଂସାର ହେବ ଉନ୍ନତ, ଐଶ୍ୱର୍ଯ୍ୟଶାଳୀ, ସୁଖସମୃଦ୍ଧିସମ୍ପନ୍ନ । ଏହା ସଙ୍ଗେ ସଙ୍ଗେ ପ୍ରାପ୍ତ ହେବ ମନୁଷ୍ୟ ଚାହୁଁଥିବା ଚିର ଅଭିଳଷିତ ମୃତ୍ୟୁରୁ ମୁକ୍ତ ଅମରତ୍ୱ, ରୋଗରୁ ମୁକ୍ତ ନୀରୋଗତା, ଦୁଃଖ, ଦ୍ୱନ୍ଦ୍ୱ ବୃଦ୍ଧତ୍ୱରୁ ମୁକ୍ତ ପରମ ଆନନ୍ଦମୟ ଜୀବନ । ସେ ଆଉ ପ୍ରକୃତିର ଗୋଲାମ ହୋଇ ନିର୍ଜୀବ ମେସିନ୍ ସଦୃଶ ତାହାରି ଦ୍ୱାରା ପରିଚାଳିତ ହେବ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ତା'ର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେଲେ ସେ ପୂର୍ଣ୍ଣରୂପେ ପରିଚାଳିତ ହେବ ଭାଗବତୀ ଶକ୍ତି ଦ୍ୱାରା; ସଂପୂର୍ଣ୍ଣରୂପେ ମୁକ୍ତ ହେବ ଜାଗତିକ ପ୍ରକୃତିର ଅଧୀନରୁ । ଏହି ସଂସାର ପରିଣତ ହେବ ସ୍ୱର୍ଗରେ । ଏହାହିଁ ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ, ଏହି ଉଦ୍ଦେଶ୍ୟରେ ଭଗବାନଙ୍କ ସୃଷ୍ଟି । ଅଜ୍ଞାତରୂପେ ଏହାର ଅଭିମୁଖେ ଭୁଲ୍ ମାର୍ଗରେ ବ୍ୟକ୍ତି ସୃଷ୍ଟିସର୍ଜନା ଦିନରୁ ଧାବିତ ହେଉଅଛି । ମୂଳଜ୍ଞାନ ଏବଂ ମାର୍ଗ ଠିକ୍ ନ ଥିବାରୁ ଲକ୍ଷ୍ୟରେ ପହଞ୍ଚିପାରୁ ନାହିଁ । ଏହି ଭ୍ରମପୂର୍ଣ୍ଣ ମାର୍ଗ ସଂଶୋଧିତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ଅତଏବ ଆମ୍ଭେମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କଲେ ଲକ୍ଷ୍ୟସିଦ୍ଧି କରିପାରିବା । ପୂର୍ବେ ଆଲୋଚିତ ହୋଇଛି, ମନୁଷ୍ୟ ଯେଉଁ ଅମରତ୍ୱ, ନୀରୋଗତା, ବୃଦ୍ଧତ୍ୱରୁ ମୁକ୍ତି, ଦୁଃଖବିହୀନ ପରମ ସୁଖ ଚାହେଁ, ତାହା ସେ ସାଂସାରିକ ବସ୍ତୁରେ ଖୋଜେ । ସାଂସାରିକ ବସ୍ତୁରେ ଏହିସବୁ ଖୋଜିବାହିଁ ମନୁଷ୍ୟ ପକ୍ଷରେ ଭ୍ରମପୂର୍ଣ୍ଣ ମାର୍ଗ । ଯଥାର୍ଥ ମାର୍ଗ ହେଉଛି ଶ୍ରୀଅରବିନ୍ଦଙ୍କ ଯୋଗ । ଏହାରି ଆଧାରରେ ବିଦ୍ୟାଶିକ୍ଷା ଏବଂ କର୍ମ କରାହେଲେ ମନୁଷ୍ୟ ମଧ୍ୟରେ ଥିବା ଅଫୁରନ୍ତ ଶକ୍ତିସମୂହ ଜାଗ୍ରତ ହୁଅନ୍ତି ଏବଂ ଜୀବନ ସମୃଦ୍ଧିଶାଳୀ ହୁଏ ।

# ଯୁଗ-ଧର୍ମ ଓ ସ୍ୱଧର୍ମ

ପ୍ରଶ୍ନ : ଈଶ୍ୱର ଏକ, ସେହି ଈଶ୍ୱରଙ୍କୁ ପ୍ରାପ୍ତ ହେବା ସକାଶେ ଭିନ୍ନ ଭିନ୍ନ ମାର୍ଗ କାହିଁକି ?

ଉତ୍ତର : ମନୁଷ୍ୟର ସ୍ୱଭାବ ଭିନ୍ନ ତଥା ଯୁଗ-ଧର୍ମ ମଧ୍ୟ ବିଭିନ୍ନ, ସେହି ସକାଶେ ଈଶ୍ୱର ଏକ ହେବା ସତ୍ତ୍ୱେ ତାଙ୍କ ପ୍ରାପ୍ତିର ମାର୍ଗ ଭିନ୍ନ ଭିନ୍ନ ହୋଇଅଛି । ମନୁଷ୍ୟର ସ୍ୱଭାବ ଅନୁସାରେ ଅର୍ଥାତ୍ ''ସ୍ୱଧର୍ମ'' ଅନୁଯାୟୀ ସାଧନା ନ ହେଲେ ଯେପରି ପ୍ରତିକୂଳ ହୁଏ ସେହିପରି ଗୋଟିଏ ଯୁଗର ସାଧନା ଅନ୍ୟ ଯୁଗରେ ପ୍ରତିକୂଳ ହୁଏ । କ୍ରମବିକାଶ ଅନୁସାରେ ମନୁଷ୍ୟ ବରାବର ବିକାଶ କରି ଚାଲିଛି । ତାହାର ବିକାଶମାର୍ଗରେ ଯେଉଁ ସମୟରେ ଯେଉଁ ସାଧନାପ୍ରଣାଳୀର ଆବଶ୍ୟକ ହୁଏ, ସେତେବେଳେ ମହାପୁରୁଷ ଅଥବା ଭଗବାନ୍ ଅବତାର ନେଇ ସେହି ସମୟୋପଯୋଗୀ ଈଶ୍ୱରପ୍ରାପ୍ତିର ଗୋଟିଏ ମାର୍ଗ ଦର୍ଶାଇ ଦିଅନ୍ତି ଏବଂ ସ୍ୱୟଂ ଆଚରଣ କରି ମନୁଷ୍ୟ ସମ୍ମୁଖରେ ଆଦର୍ଶ ରଖନ୍ତି; ମନୁଷ୍ୟ ଜାତିକୁ ଗୋଟିଏ ଚେତନାରୁ ଆଉ ଗୋଟିଏ ଚେତନାକୁ ଉତ୍‌ଥିତ କରାଇ ଦିଅନ୍ତି । ପରେ ସେହି ପଦ୍ଧତି ଗୋଟିଏ ସଂପ୍ରଦାୟରେ ପରିଣତ ହୁଏ । ସେଥିପାଇଁ ଈଶ୍ୱର ଏକ ହେବା ସତ୍ତ୍ୱେ ତାଙ୍କ ପ୍ରାପ୍ତିର ମାର୍ଗ ଭିନ୍ନ ଭିନ୍ନ ହୋଇଥାଏ ।

ପ୍ରଶ୍ନ : ଯଦି ଏହି ଉକ୍ତି ଠିକ୍ ହୁଏ, ତେବେ ବୁଦ୍ଧଦେବଙ୍କ ପରେ ଶଙ୍କରଙ୍କ ସିଦ୍ଧାନ୍ତ ପ୍ରଚଳିତ ହେବା ସମୟରେ ବୌଦ୍ଧଧର୍ମ ଏକେବାରେ ଲୋପ ହୋଇଥା'ନ୍ତା; ଅଥବା ଶଙ୍କରଙ୍କ ପରେ ରାମାନୁଜ, ରାମାନନ୍ଦ, ନିମ୍ବାର୍କ, ମାଧବ, ବିଷ୍ଣୁସ୍ୱାମୀ, ବଲ୍ଲଭ, ଚୈତନ୍ୟ ମହାପ୍ରଭୁ ଆସି ବୈଷ୍ଣବ ଧର୍ମ ପ୍ରଚାର କରିବାରେ ଶଙ୍କରଙ୍କ ସନ୍ନ୍ୟାସ ସଂପ୍ରଦାୟ ଲୁପ୍ତ ହୋଇଯିବା ଉଚିତ ଥିଲା; କାରଣ କ୍ରମବିକାଶ ଅନୁସାରେ ଯୁଗ-ଧର୍ମ ନ୍ୟାୟରେ ସନ୍ନ୍ୟାସୋପଯୋଗୀ ସମୟ ସମାପ୍ତ ହୋଇ ସାରିଥିଲା । କିନ୍ତୁ ସେପରି ତ ହୋଇ ନାହିଁ । ପୁଣି ସମୟାନୁସାରେ ଭିନ୍ନ ଭିନ୍ନ ସାଧନାର ପ୍ରୟୋଜନ ବୋଲି ମାନିବୁ କିପରି ?

ଉତ୍ତର : ପୂର୍ବେ ବଳଦଗାଡ଼ିର ଯୁଗ ଥିଲା । ବର୍ତ୍ତମାନ ମୋଟରଗାଡ଼ି, ରେଳଗାଡ଼ି, ବାୟୁଯାନର ଯୁଗ ହେଲାଣି, ତଥାପି ବଳଦଗାଡ଼ି ଏବେ ଅଛି । କାରଣ କିଛି ଅଂଶରେ ବଳଦଗାଡ଼ି ଯୁଗର ମନୁଷ୍ୟ ବର୍ତ୍ତମାନ ବି ପରିବର୍ତ୍ତିତ ହୋଇ ନାହାନ୍ତି । ସେହିପରି ସତ୍ୟଯୁଗରେ କଳିଯୁଗର ମନୁଷ୍ୟ ଏବଂ କଳିଯୁଗରେ ସତ୍ୟଯୁଗର ମନୁଷ୍ୟ ଥାଆନ୍ତି । ସୁତରାଂ ଶଙ୍କରଙ୍କ ସମୟରେ ବୌଦ୍ଧଧର୍ମ ଯୁଗର ବ୍ୟକ୍ତି ଥିଲେ, ବର୍ତ୍ତମାନ ଶଙ୍କରଙ୍କ ଯୁଗର ବ୍ୟକ୍ତି ମଧ୍ୟ ଅଛନ୍ତି । ତଥାପି ଯୁଗ-ଧର୍ମର ପ୍ରାଧାନ୍ୟ ଓ ଅନ୍ୟ ଧର୍ମର ଗୌଣତ୍ୱ ବରାବର ରହିଥାଏ ।

ପ୍ରଶ୍ନ : ଯୁଗ-ଧର୍ମର ଚିହ୍ନ କ'ଣ ?

ଉତ୍ତର : ଯୁଗଧର୍ମର ଚିହ୍ନ ବା ଲକ୍ଷଣ ହେଲା ପୃଥିବୀରେ ପ୍ରଚଳିତ ଧର୍ମ ପରିବର୍ତ୍ତେ ଏକ ନୂତନ ଧର୍ମ ପ୍ରତିଷ୍ଠା । ଯେପରି ପଶୁଜଗତରେ ମନୁଷ୍ୟଜାତି ପ୍ରତିଷ୍ଠାହିଁ ସ୍ପଷ୍ଟରୂପେ ଯୁଗ-ଧର୍ମ । ଏହା ପଶୁଚେତନାରୁ ପୂର୍ଣ୍ଣ ପୃଥକ୍ । କିନ୍ତୁ ପଶୁ ପରେ ମନୁଷ୍ୟଜାତି ଏହି ପୃଥିବୀରେ ପ୍ରତିଷ୍ଠା ହେବା ସମୟରୁ ଆଜି ପର୍ଯ୍ୟନ୍ତ ତା'ର ବିକାଶ ମାର୍ଗରେ ସାହାଯ୍ୟ କରିବା ସକାଶେ ଭଗବାନ୍ ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଆଚାର୍ଯ୍ୟ ଶଙ୍କର, ରାମାନୁଜ, ଚୈତନ୍ୟ ମହାପ୍ରଭୁ ପ୍ରଭୃତି ମହାପୁରୁଷ ଆସି ମାନବଚେତନାକୁ ବିକାଶ ମାର୍ଗରେ ଅଗ୍ରସର କରାଇ ଅଛନ୍ତି । ଏମାନେ ଯଦ୍ୟପି ମନଚେତନାରୁ ସଂପୂର୍ଣ୍ଣ ଭିନ୍ନ ଏକେବାରେ ନୂତନ ଚେତନା ପ୍ରତିଷ୍ଠା କରି ନାହାନ୍ତି ତଥାପି ସେହି ଚେତନା ସ୍ତରକୁ ଉନ୍ନତ କରିଥିବାରୁ ଏମାନଙ୍କ ଧର୍ମକୁ ମଧ୍ୟ ଯୁଗ-ଧର୍ମ ବୋଲି ମାନିବାକୁ ହେବ । ଏହି ସମୟ ମଧ୍ୟରେ ଯେଉଁ ଅବତାର ବା ମହାପୁରୁଷ ଆସି ଭିନ୍ନ ଭିନ୍ନ ଅଧ୍ୟାତ୍ମ ଧର୍ମ ସ୍ଥାପନ କରନ୍ତି ସେ ସମୟରେ ଗୋଟିଏ ସମୟର ଧର୍ମ ଅନ୍ୟ ସମୟରେ ବହୁତ ଦିନ ପର୍ଯ୍ୟନ୍ତ ପ୍ରଚଳିତ ହୋଇପାରେ, ଏପରିକି ଗୋଟିଏ ଧର୍ମର କାଳ ସମାପ୍ତି ପର୍ଯ୍ୟନ୍ତ ଅନ୍ୟ ଧର୍ମ ସଙ୍ଗେ ସଙ୍ଗେ ଚାଲେ, କିନ୍ତୁ ଯେତେବେଳେ ଚେତନା-ସ୍ତରର ପୂର୍ଣ୍ଣ ପରିବର୍ତ୍ତନ ହୁଏ, ସେତେବେଳେ ଏହା ଅଧିକ ସମ୍ଭବ ହୁଏ ନାହିଁ ।

ପ୍ରଶ୍ନ : ଉପରୋକ୍ତ ଯୁକ୍ତି ଅନୁସାରେ ଶ୍ରୀଅରବିନ୍ଦଙ୍କ ଯୋଗରେ ମନ, ପ୍ରାଣ ଓ ଶରୀରର ପୂର୍ଣ୍ଣ ରୂପାନ୍ତର, ମନୁଷ୍ୟ ରୋଗ, ଜରା, ମୃତ୍ୟୁ ଅଧୀନରୁ ପୂର୍ଣ୍ଣ ମୁକ୍ତି, ମନର ଅତିମାନସରେ ପୂର୍ଣ୍ଣ ରୂପାନ୍ତର, ଦିବ୍ୟ ମାନବଜାତି

ସ୍ଥାପନ, ପୃଥିବୀ ସ୍ୱର୍ଗରେ ପରିଣତ ହୁଏ । ତେବେ ଏହାହିଁ ହେବ ଯୁଗ-ଧର୍ମ । ପୂର୍ବପରି ଏହି ଯୁଗରେ ସବୁପ୍ରକାର ସାଧନାର ଭିନ୍ନତା ରହିବ ନା ସମସ୍ତ ପୁରାତନ ସାଧନା ଲୁପ୍ତ ହେବ ? ଯଦି ଲୁପ୍ତ ନ ହୁଏ ତେବେ ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତ୍ୟେକ ପ୍ରାଣୀ ସକାଶେ ବୋଲି କୁହାହେଉଛି କାହିଁକି ? ଯଦି ଏହାହିଁ ହୁଏ ତେବେ ମନୁଷ୍ୟର ଭିନ୍ନ ସ୍ୱଭାବ ଅନୁସାରେ ଯେଉଁ ଭିନ୍ନ ଭିନ୍ନ ସାଧନା ପ୍ରଣାଳୀ ଶାସ୍ତ୍ରରେ ବିଧାନ କରାହୋଇଛି ତାହା ବା ଉପଯୋଗୀ ହେବ କିପରି ?

ଉତ୍ତର : ସିଦ୍ଧାନ୍ତ ଅନୁସାରେ ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତ୍ୟେକ ବ୍ୟକ୍ତି ସକାଶେ — ଏହା ଠିକ୍ । କର୍ମରେ ଏହା ହେବା ସମ୍ଭବ ନୁହେଁ । ପଶୁ ପରେ ମନୁଷ୍ୟର ସୃଷ୍ଟି ହୋଇଛି । କିନ୍ତୁ ପଶୁଜାତି ଲୋପ ପାଇ ନାହିଁ । ସେହିପରି ଅତିମାନବ ପୃଥିବୀରେ ପ୍ରତିଷ୍ଠିତ ହେଲେ ମାନବଜାତି ରହିବ ଏବଂ ପୁରାତନ ଯୋଗ ବି ରହିବ, କିନ୍ତୁ ଗୌଣଭାବେ । ଯେଉଁ ପୁରାତନ ଯୋଗୀମାନେ ରୂପାନ୍ତରିତ ହେବାକୁ ଚାହିଁବେ ସେମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ପାରିବେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଯଦିଓ ଗୋଟିଏ ବୈପ୍ଳବିକ ରୂପାନ୍ତର ଆଉ ପୁରାତନ ମାନସ ଚେତନାଠାରୁ ଏକେବାରେ ନୂତନ ଅତିମାନସ ଚେତନା ପ୍ରାପ୍ତ ହୁଏ, ନୂତନ ଯୁଗର ଧର୍ମସ୍ଥାପନା ହୁଏ, ତଥାପି ତାହା ପୁରାତନ ଯୋଗ ଓ ତା'ର ପ୍ରଣାଳୀକୁ ହତାଦର କରେ ନାହିଁ, ସେସବୁକୁ ପୂର୍ଣ୍ଣ କରି ତୋଳେ । ସମସ୍ତ ପୁରାତନ ଯୋଗ ମଧ୍ୟରେ ଯେଉଁ ବିରୋଧ ଥିଲା, ସେଥିରେ ସାମଞ୍ଜସ୍ୟ ସ୍ଥାପନ କରେ, ପୁରାତନ ଯୋଗପ୍ରଣାଳୀକୁ ନୂତନ ରୂପ ଦିଏ । ସାଧକର ସାଧନାର ସମସ୍ତ ଭାର ଭାଗବତୀ ଶକ୍ତିକୁ ସମର୍ପଣ କରାହେବା ଦ୍ୱାରା ଭାଗବତୀ ଶକ୍ତି ସାଧକକୁ ତା'ର ସ୍ୱଧର୍ମ ଅନୁସାରେ ଭିନ୍ନ ଭିନ୍ନ ପ୍ରଣାଳୀରେ ଲକ୍ଷ୍ୟ ସ୍ଥାନକୁ ନେଇଯା'ନ୍ତି । ଶେଷରେ ଏସବୁ ସାଧନାର ଭିନ୍ନ ଭିନ୍ନ ଧାରା ଏକ ଓ ପୂର୍ଣ୍ଣ ହୁଏ ଯେପରି ଭିନ୍ନ ଭିନ୍ନ ମାର୍ଗରେ ଭିନ୍ନ ଭିନ୍ନ ନଦୀ ଗତିକରି ସମୁଦ୍ରରେ ପହଞ୍ଚି ସମସ୍ତେ ମିଳି ଏକ ହୋଇଯା'ନ୍ତି ।

ପ୍ରଶ୍ନ : ଗୀତାରେ କୁହାହୋଇଛି, ''ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।'' ସ୍ୱଧର୍ମ କ'ଣ ? ତାହା ଶ୍ରୀଅରବିନ୍ଦଙ୍କ ଯୋଗରେ ସ୍ୱାଭାବିକ ରୂପେ ଆଚରିତ ହେଉଛି କିପରି ? ପୁରାତନ ଯୋଗମାନଙ୍କରେ ଏହା ପ୍ରତ୍ୟେକ ସାଧକ ପକ୍ଷେ ଆଚରଣ କରିବା ସୁଲଭ ନ ଥିଲା କାହିଁକି ?

ଉତ୍ତର : ନିଜ ସତ୍ତା ଏବଂ ସ୍ୱଭାବ ଉପଯୋଗୀ ଧର୍ମ ପାଳନ କରିବାର ଅର୍ଥ 'ସ୍ୱଧର୍ମ' । ଗୀତା 'ସ୍ୱଧର୍ମ' ଉପରେ ଅତ୍ୟଧିକ ଜୋର୍ ଦେଇଛି । ସେହି ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବହୁତ ପ୍ରକାର ଯୋଗ ଏବଂ ଜ୍ଞାନ, କର୍ମ, ଭକ୍ତି — ଏହି ତ୍ରୟ ମାର୍ଗର ଉପଦେଶ ଭିନ୍ନ ଭିନ୍ନ ଭାବରେ ଦେଇଛନ୍ତି । ଶ୍ରୀକୃଷ୍ଣଙ୍କ ଭଗବାନତ୍ୱକୁ ଯଦି ବାଦ୍ ଦିଆହୁଏ ତେବେ ବି ଯୋଗୀ ହିସାବରେ ସେ ଏତେ ଉଚ୍ଚ କୋଟୀର ଥିଲେ ଯେ ଅର୍ଜୁନଙ୍କ ସ୍ୱଭାବ ଭଲଭାବେ ଜାଣିବା ତାଙ୍କ ପକ୍ଷେ ସ୍ୱାଭାବିକ ଥିଲା । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତାଙ୍କ ସ୍ୱଧର୍ମ ଅନୁସାରେ ସିଧା 'ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ' — ଏହି ଉପଦେଶ ଦେଇଥାନ୍ତେ, ପୁଣି ଏତେ ସାଧନାମାର୍ଗ କାହିଁକି କହିଲେ ? ଏହାର କାରଣ ହେଉଛି ମନୁଷ୍ୟର ସ୍ୱଭାବ ଭିନ୍ନ ହେବାରୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିମିତ୍ତ କରି ସଂସାରର ଅନ୍ୟାନ୍ୟ ବ୍ୟକ୍ତିମାନଙ୍କୁ ଉପଦେଶ ଦେଇଛନ୍ତି । ବ୍ୟକ୍ତିର ଭିନ୍ନ ଭିନ୍ନ ରୁଚି, ସ୍ୱଭାବ ଅନୁସାରେ ତା'ର ନିଜର ଧର୍ମ ସ୍ୱତନ୍ତ୍ର ଏବଂ ଅନ୍ୟଠାରୁ ପୃଥକ୍ ।

ପ୍ରଶ୍ନ : ଗୀତାରେ ଈଶ୍ୱରଙ୍କର ବହୁ ରୂପ ବର୍ଣ୍ଣିତ ହୋଇଛି । ତେବେ ଈଶ୍ୱରଙ୍କର ରୂପ ଏକ ନା ଅନେକ ?

ଉତ୍ତର : ଈଶ୍ୱର ଏକ କିନ୍ତୁ ତାଙ୍କର ଭିନ୍ନ ଭିନ୍ନ ରୂପ । ବ୍ୟକ୍ତି ତାଙ୍କର ପୂର୍ଣ୍ଣ ସ୍ୱରୂପ ପ୍ରାପ୍ତ କଲେ ସେହି ପୂର୍ଣ୍ଣତ୍ୱରେ ସେ ଭିନ୍ନ ଭିନ୍ନ ରୂପ ଉପଲବ୍ଧି କରେ । ତାହା ହୁଏ ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତର ହେବାରେ । ଗୀତା ଅଧ୍ୟାୟ ୧୫, ଶ୍ଲୋକ ୧୬, ୧୭ ଓ ୧୮ରେ ଭଗବାନଙ୍କର ପୂର୍ଣ୍ଣ ସ୍ୱରୂପର ବର୍ଣ୍ଣନା କରାହୋଇଛି ।

ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।
କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ॥୧୬॥
ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ ॥୧୭॥

ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥୧୮॥

ଯଥାର୍ଥ ସମୟ ଆସି ନ ଥିବାରୁ ଗୀତାରେ ଯଦ୍ୟପି ଜୀବନର ପୂର୍ଣ୍ଣତା ବିଷୟ ବହୁତ ସ୍ପଷ୍ଟଭାବେ ବର୍ଣ୍ଣନା କରାହୋଇ ନାହିଁ, ତଥାପି ଈଶ୍ୱରଙ୍କ ପୂର୍ଣ୍ଣସ୍ୱରୂପ ପ୍ରତିପାଦନ କରାଯାଇ ପୂର୍ଣ୍ଣତାର ସୂଚନା ଦିଆଯାଇଛି । ପୂର୍ଣ୍ଣତାର ଆଧାର ତୟାର କରାହୋଇଅଛି, ଯାହାକୁ ଭିତ୍ତି କରି ପୂର୍ଣ୍ଣତା ପ୍ରତିଷ୍ଠିତ ହୋଇପାରିବ । ପ୍ରସ୍ଥାନତ୍ରୟ ମଧ୍ୟରେ ଗୀତା ଗୋଟିଏ ଶାସ୍ତ୍ର ।

ଯେଉଁ ଆଚାର୍ଯ୍ୟମାନେ ଯେତେବେଳେ ପୃଥିବୀକୁ ଆସି ଗୋଟିଏ ନୂତନ ଅଧ୍ୟାତ୍ମ ଧର୍ମ ପ୍ରଚାର କରନ୍ତି, ସେମାନେ ନିଜ ସିଦ୍ଧାନ୍ତ ପ୍ରସ୍ଥାପିତ କରିବା ସକାଶେ ଗୀତା, ଉପନିଷଦ, ବେଦର ଭାଷ୍ୟ ଲେଖନ୍ତି । ଅର୍ଥାତ୍ ଏହି ଶାସ୍ତ୍ରକୁ ନିଜ ମତ ଅନୁସାରେ ଅର୍ଥ କରନ୍ତି । ଯେଉଁମାନେ ପ୍ରସ୍ଥାନତ୍ରୟ ନ ଲେଖନ୍ତି ସେମାନେ ଗୀତା-ବ୍ୟାଖ୍ୟା ଅବଶ୍ୟ କରନ୍ତି ।

ସମସ୍ତ ଗୀତା-ବ୍ୟାଖ୍ୟାକାର ନିଜ ସିଦ୍ଧାନ୍ତକୁ ସମର୍ଥନ କରିବାକୁ ଯାଇ କେହି କର୍ମକୁ ସ୍ୱଧର୍ମ ମାନି ତାହାକୁହିଁ ଗୀତାର ପ୍ରଧାନ ଶିକ୍ଷାର ସ୍ଥାନ ଦେଇ ଅନ୍ୟ ସବୁକୁ ଗୌଣ ମାନି ନେଇଅଛନ୍ତି । କେହି କେହି ଜ୍ଞାନ ଏବଂ ଭକ୍ତିକୁ ମଧ୍ୟ ସ୍ୱଧର୍ମ ମାନି ସେସବୁକୁ ପ୍ରଧାନ ସ୍ଥାନ ଦେଇଅଛନ୍ତି । କୌଣସି ଗୋଟିକୁ ପଢ଼ିଲେ ତାହାହିଁ ଠିକ୍ ଆଉ ଯୁକ୍ତିଯୁକ୍ତ ମନେ ହେଉଅଛି । କିନ୍ତୁ ଏକରୁ ଅଧିକ ଗୀତା-ଭାଷ୍ୟ ପଢ଼ିଲେହିଁ ମନରେ ଦ୍ୱନ୍ଦ୍ୱ ଉପୁଜୁଅଛି; ଏହା ଠିକ୍ ଅଥବା ତାହା ଠିକ୍, ଏହା ନିର୍ଣ୍ଣୟ କରିବା କଠିନ ହୋଇପଡୁଛି । ବିରୋଧର ସାମଞ୍ଜସ୍ୟ କେବଳ ଶ୍ରୀଅରବିନ୍ଦଙ୍କ ଗୀତା-ନିବନ୍ଧରେ ହୋଇଅଛି ।

ଯେଉଁମାନେ ଗୀତାର ପ୍ରଧାନ ଶିକ୍ଷା କର୍ମକୁ ସ୍ୱଧର୍ମ ମାନିଛନ୍ତି, ସେମାନେ କହନ୍ତି, ''ମନୁଷ୍ୟର ସ୍ୱତଃ ପ୍ରବୃତ୍ତି ଯେଉଁଥିରେ ହୁଏ ତାହାହିଁ ସ୍ୱଧର୍ମ ।'' ଅତଏବ ମନୁଷ୍ୟର ସ୍ୱତଃ ପ୍ରବୃତ୍ତି କର୍ମରେ, ଏଣୁ ତାହାର ସ୍ୱଧର୍ମ ପିତାମାତା ସେବା, ଜନସେବା ଇତ୍ୟାଦି କର୍ମ । ଜ୍ଞାନୀ, ଭକ୍ତ ଭାଷ୍ୟକାର ମଧ୍ୟ ଠିକ୍ ଏହିପରି ଯୁକ୍ତିତର୍କରେ ନିଜ ମତ ସିଦ୍ଧ କରିଛନ୍ତି । ଏହି ସ୍ୱଧର୍ମ ପ୍ରତିପାଦନରେ ପରସ୍ପର ବିରୋଧ ମତବାଦ ଦୃଷ୍ଟିଗୋଚର ହେଉଅଛି । ଜ୍ଞାନ, ଭକ୍ତି, କର୍ମ ମଧ୍ୟରୁ ଯଦି କୌଣସି ଗୋଟିକୁ ସମସ୍ତ ବ୍ୟକ୍ତିଙ୍କର ଧର୍ମ ମାନିବାକୁ ହୁଏ, ତାହା ଯୁକ୍ତିଯୁକ୍ତ ହେବ ନାହିଁ । କାରଣ ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ ଭିନ୍ନ ଭିନ୍ନ, ସେହି ଅନୁସାରେ ସ୍ୱଧର୍ମ ମଧ୍ୟ ଭିନ୍ନ ହେବା ଯୁକ୍ତିଯୁକ୍ତ । ଯେତେବେଳେ ଭଗବାନ୍ ସ୍ୱୟଂ ଏକରୁ ବହୁ ହେଲେ, ସେତେବେଳେ ସେ ବୈଚିତ୍ର୍ୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ରୂପେ ପ୍ରକଟ ହେଲେ । ଆମ୍ଭେମାନେ ଦେଖୁଥାଇ ପ୍ରତ୍ୟେକ ବ୍ୟକ୍ତିର ଶରୀର-ଗଠନ, ପ୍ରାଣ-କ୍ରିୟା, ମନର ବିଚାର ଏକର ଅନ୍ୟଠାରୁ ଏକେବାରେ ଭିନ୍ନ । ଏପରିକି ପ୍ରତ୍ୟେକ ଅଧ୍ୟାତ୍ମ ସାଧକର ଏକପ୍ରକାର ସାଧନା ହେବା ସତ୍ତ୍ୱେ ଅନୁଭୂତିରେ ରହିଛି ପାର୍ଥକ୍ୟ ।

ମନୁଷ୍ୟ ପରିଚାଳିତ ହେଉଛି ଆତ୍ମା, ମନ, ପ୍ରାଣ ଓ ଶରୀର ଦ୍ୱାରା । ଏହି ସମସ୍ତ ଏକତ୍ରିତ ହେବାରୁ ହୁଏ ବ୍ୟକ୍ତି । କେବଳ ଆତ୍ମା ଭଗବତ୍ ଶୁଦ୍ଧସ୍ୱରୂପ । ମନ-ପ୍ରାଣ-ଶରୀର ଭଗବତ୍ ତତ୍ତ୍ୱର ଏକେବାରେ ବିକୃତ ରୂପ । ମନୁଷ୍ୟ ମଧ୍ୟରେ କାହାର ମନ ଉନ୍ନତ, ଶୁଦ୍ଧ, ଅନ୍ୟ କାହାର ପ୍ରାଣ ଭାବମୟ, କାହାର କର୍ମରେ ନିଷ୍ଠା । ସାଧାରଣତଃ ମନପ୍ରଧାନ, ପ୍ରାଣପ୍ରଧାନ ଓ କର୍ମପ୍ରଧାନ ଏହି ତିନିପ୍ରକାର ବ୍ୟକ୍ତି ହୁଅନ୍ତି । ଏମାନଙ୍କ ମଧ୍ୟରେ ବି ବହୁପ୍ରକାର ପ୍ରଭେଦ ଅଛି । କାରଣ ମନୁଷ୍ୟ ବହୁତ ସତ୍ତା ଦ୍ୱାରା ଗଠିତ । ମନ-ପ୍ରାଣ-ଶରୀରଧାରୀ ପ୍ରାଣୀମାନଙ୍କ ମଧ୍ୟରେ ଯେପର୍ଯ୍ୟନ୍ତ ଆତ୍ମା ଜାଗ୍ରତ ନ ହୋଇ ଏସବୁର ପଶ୍ଚାତରେ ସୁପ୍ତ ଥାଏ ଅର୍ଥାତ୍ ତା'ର ପ୍ରଭାବ ଏମାନଙ୍କ ଉପରେ ନ ପଡ଼େ ସେପର୍ଯ୍ୟନ୍ତ ମନୁଷ୍ୟ ଯଥାର୍ଥ ସ୍ୱଧର୍ମ ଆଚରଣ କରିପାରେ ନାହିଁ । ତାହାର ସ୍ୱଧର୍ମର ବିରୋଧ କର୍ମ କରି ସୁଖ ଦୁଃଖ ଭୋଗେ, ଜନ୍ମ-ମରଣ ଚକ୍ରରେ ପଡ଼େ ।

## ଆତ୍ମା ଜାଗ୍ରତ ହେବାର ଲକ୍ଷଣ

ଆତ୍ମା ଜାଗ୍ରତ ହେଲେ କୌଣସି ସୁଯୋଗ ପାଇ ବ୍ୟକ୍ତି ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହେବାକୁ ଯତ୍ନବାନ୍ ହୁଏ । କିନ୍ତୁ ସେ ଯଦି ସ୍ୱଧର୍ମ ଉପଯୋଗୀ ଭଗବତ୍‌ପ୍ରାପ୍ତିର ମାର୍ଗ ପାଏ, ତେବେ ଶୀଘ୍ର ଅଗ୍ରସର ହୋଇପାରେ । ଅନ୍ୟଥା ପ୍ରତିକୂଳ ମାର୍ଗରେ ଯାତ୍ରା କଲେ ତାହାର ସ୍ୱଭାବକୁ ଅନୁକୂଳ କରିବାରେ ଯଥେଷ୍ଟ ସମୟ ଲାଗେ । ଉଦାହରଣ –

ଯେପରି ଜଣେ ହୃଦୟବାନ୍ ଭକ୍ତ, ସେ ଯଦି ଅଦ୍ୱୈତ ସଂପ୍ରଦାୟର ସନ୍ନ୍ୟାସୀଗୁରୁଙ୍କୁ ପ୍ରାପ୍ତ ହୁଏ, ତେବେ ସେ ତାକୁ ମସ୍ତିଷ୍କପ୍ରଧାନ ବିଚାର, ସାଧନ ଓ ଜ୍ଞାନମାର୍ଗର ଉପଦେଶ ଦିଅନ୍ତି । ଯଦି ମସ୍ତିଷ୍କପ୍ରଧାନ ବିଚାରପ୍ରିୟ ବ୍ୟକ୍ତି କୌଣସି ଭକ୍ତ-ଗୁରୁଙ୍କୁ ପ୍ରାପ୍ତ ହୁଅନ୍ତି ତେବେ ସେ ତାକୁ ଜପ, ଧ୍ୟାନ, ଉପାସନା ଓ ଭକ୍ତିର ଉପଦେଶ ଦିଅନ୍ତି । ଏହା ବ୍ୟକ୍ତିର ସ୍ୱଧର୍ମର ପ୍ରତିକୂଳ ହୁଏ, ସିଦ୍ଧିରେ ବହୁତ ବିଳମ୍ବ ହୁଏ । ଉପରୋକ୍ତ ବିଚାରରୁ ସ୍ପଷ୍ଟ ହେଉଛି, ଭଗବତ୍ ପ୍ରାପ୍ତିର ତ୍ରୟୀ ମାର୍ଗ – ଜ୍ଞାନ, ଭକ୍ତି, କର୍ମ – ମଧ୍ୟରୁ କୌଣସି ଗୋଟିଏ ମାର୍ଗ ସମସ୍ତଙ୍କର ଉପଯୋଗୀ ନୁହେଁ, ପ୍ରତ୍ୟେକ ବ୍ୟକ୍ତିଙ୍କର ସ୍ୱଭାବ ଅନୁସାରେ ଭିନ୍ନ ମାର୍ଗ ହେବା ଉଚିତ । ପୁରାତନ ଯୋଗରେ ଏ ବିଷୟରେ ବିଚାର ନ କରି କେବଳ ନିଜ ସିଦ୍ଧାନ୍ତ ପୋଷଣ କରିବା ସକାଶେ ତ୍ରୟୀମାର୍ଗ ମଧ୍ୟରୁ କୌଣସି ଗୋଟିଏକୁ 'ସ୍ୱଧର୍ମ' ମାନିନେଇଛନ୍ତି । ଯୁଗଧର୍ମ ଅନୁସାରେ କିଛି ଅଂଶରେ ତାହାର ମଧ୍ୟ ଉପଯୋଗିତା ବୋଧ ହେଉଥିଲା । ବର୍ତ୍ତମାନ କର୍ମ, ଜ୍ଞାନ ଓ ଭକ୍ତିର ସାମଞ୍ଜସ୍ୟ, ଏକତ୍ୱ ଏବଂ ପୂର୍ଣ୍ଣତ୍ୱର କାଳ । ଏ ସମୟରେ ସମୟୋପଯୋଗୀ ମାର୍ଗରେ ଏବଂ ଯଥାର୍ଥ ସ୍ୱଧର୍ମ ଅନୁସାରେ ଅଧ୍ୟାତ୍ମ ମାର୍ଗରେ ଅଗ୍ରସର ହେବା ଉଚିତ । ଶ୍ରୀଅରବିନ୍ଦଙ୍କ ଯୋଗ କାଳ-ଉପଯୋଗୀ, ସାମଞ୍ଜସ୍ୟପୂର୍ଣ୍ଣ ଏବଂ 'ସ୍ୱଧର୍ମ'ର ଅନୁକୂଳ । ଏହିଥିରେହିଁ ସମସ୍ତ ପୁରାତନ ଯୋଗର ପୂର୍ଣ୍ଣତା ।

ପ୍ରଶ୍ନ : ପୁରାତନ ଯୋଗମାନଙ୍କରେ ଏକହିଁ ପ୍ରକାରର ନିର୍ଦ୍ଦିଷ୍ଟ ସାଧନା-ପ୍ରଣାଳୀ ପ୍ରତ୍ୟେକ ବ୍ୟକ୍ତି ସକାଶେ ଥିଲା । ଶ୍ରୀଅରବିନ୍ଦଙ୍କ ଯୋଗରେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତି ସକାଶେ ନିର୍ଦ୍ଦିଷ୍ଟ ପ୍ରଣାଳୀ : ଅଭୀପ୍ସା, ସମର୍ପଣ, ତ୍ୟାଗ, ନାମଜପ, ହୃତ୍‌ପୁରୁଷ (Psychic being)ର ଜାଗରଣ, ଉର୍ଦ୍ଧ୍ୱରୁ ଭାଗବତୀ ଶକ୍ତିର ଅବତରଣ କ୍ରିୟାପଦ୍ଧତି ଅଛି । ଯଦି ଏଥିରେ ଭିନ୍ନ ଭିନ୍ନ ବ୍ୟକ୍ତି ସକାଶେ ଭିନ୍ନ ଭିନ୍ନ ମାର୍ଗ ଥା'ନ୍ତା, ତେବେ ପ୍ରତ୍ୟେକ ବ୍ୟକ୍ତି ସ୍ୱଧର୍ମ ଅନୁସାରେ ସାଧନା କରୁଛନ୍ତି ବୋଲି କୁହାଯା'ନ୍ତା । ଭିନ୍ନ ଭିନ୍ନ ବ୍ୟକ୍ତି ସକାଶେ ଭିନ୍ନ ସାଧନା ନାହିଁ, ପୁଣି ଶ୍ରୀଅରବିନ୍ଦଙ୍କ ଯୋଗରେ 'ସ୍ୱଧର୍ମ' ଅନୁସାରେ ସାଧକ କିପରି ସାଧନା କରୁଛି ?

ଉତ୍ତର : ଶ୍ରୀଅରବିନ୍ଦଙ୍କ ଯୋଗରେ ଅଭୀପ୍ସା, ସମର୍ପଣ, ତ୍ୟାଗ, ନାମଜପ ନିର୍ଦ୍ଦିଷ୍ଟ ସାଧନ-ପ୍ରକ୍ରିୟା ଥିବା ସତ୍ତ୍ୱେ ପ୍ରତ୍ୟେକ ସାଧକଙ୍କର ନିଜର ସ୍ୱଭାବ ଅନୁସାରେ ସାଧନ ପ୍ରଣାଳୀ ଭିନ୍ନ । କାରଣ ସାଧକର ସାଧନା-ଭାର ସ୍ୱୟଂ ଭାଗବତୀ ଶକ୍ତି ନେଇ ସାଧକକୁ ତାହାର ସ୍ୱଭାବ ଅନୁସାରେ କର୍ମ, ଜ୍ଞାନ ଅଥବା ଭକ୍ତି ମଧ୍ୟଦେଇ ଯଥାର୍ଥ ମାର୍ଗରେ ପରିଚାଳିତ କରନ୍ତି । ସେଥିପାଇଁ ସାଧକ ତାହାର ସ୍ୱଭାବ-ଅନୁକୂଳ ଯଥାର୍ଥ ମାର୍ଗରେ ଅଗ୍ରସର ହୁଏ ।

ଅଭୀପ୍ସା, ସମର୍ପଣ ଓ ତ୍ୟାଗ ଦ୍ୱାରା ହୃତ୍‌ପୁରୁଷ (Psychic being) ଜାଗ୍ରତ ହୁଏ । ସାଧକର ସ୍ୱଭାବ ଅନୁସାରେ ସ୍ୱତଃସ୍ଫୂର୍ତ୍ତଭାବେ ନିଜ ଆଧାର ତିଆରି କରିବା ସକାଶେ ଅଥବା ବିପରୀତ ଅବସ୍ଥା ସଂଶୋଧନ କରିବା ସକାଶେ କିଂବା ପ୍ରତିକୂଳ ଶକ୍ତିମାନଙ୍କ କ୍ରିୟାକୁ ବର୍ଜନ କରିବା ସକାଶେ ବା ଶାନ୍ତି, ଜ୍ଞାନ, ଭକ୍ତି, ଏକାଗ୍ରତା ସକାଶେ ଯେଉଁ ସମୟରେ ଯାହା ଆବଶ୍ୟକ ହୁଏ ତାହା ସକାଶେ ହୃତ୍‌ପୁରୁଷ (Psychic being) ଅଭୀପ୍ସା କରେ ଏବଂ ପ୍ରାପ୍ତ କରେ । ଉର୍ଦ୍ଧ୍ୱରୁ ଭାଗବତୀ ଶକ୍ତି ଅବତରଣ କରି ସାଧକର ସ୍ୱଭାବ ଓ ସମୟ ଅନୁସାରେ ଯେଉଁ ସତ୍ତାରେ ଯେଉଁ ଅବସ୍ଥା ପରିବର୍ତ୍ତନ ତଥା ଶୁଦ୍ଧ କରିବାକୁ ହେବା ଉଚିତ ତାହା କରେ, ଯାହା ତ୍ୟାଗ କରିବା ଉଚିତ ତାହା ତ୍ୟାଗ କରେ । ସାଧକ ସତର୍କ ହୋଇ ଭାଗବତୀ ଶକ୍ତିର କ୍ରିୟାକୁ ନିରୀକ୍ଷଣ କରେ, ସେଥିରେ ସମ୍ମତି ଦିଏ, ପ୍ରତିକୂଳ ଶକ୍ତିର କ୍ରିୟାକୁ ଭାଗବତୀ ଶକ୍ତି ସାହାଯ୍ୟରେ ବର୍ଜନ କରେ । ଏହି ଯୋଗରେ ସାଧକ ମଧ୍ୟରେ ସାଧନାକ୍ରିୟା ଭାଗବତୀ ଶକ୍ତି କରନ୍ତି, ଏବଂ

ସାଧକକୁ ତା'ର ଯଥାର୍ଥ ସ୍ୱଧର୍ମ-ମାର୍ଗରେ ଲକ୍ଷ୍ୟକୁ ନେଇଯାଆନ୍ତି । ଯଦ୍ୟପି ପ୍ରତ୍ୟେକ ସାଧକର ସମସ୍ତ ସତ୍ତାର ରୂପାନ୍ତର କ୍ରିୟା ହୁଏ, ତଥାପି ତାହା ହୁଏ ବ୍ୟକ୍ତିବିଶେଷରେ ଭିନ୍ନ ଭିନ୍ନ ଭାବେ, ଭିନ୍ନ ଭିନ୍ନ ପ୍ରଣାଳୀରେ, ଭିନ୍ନ ଭିନ୍ନ ସମୟରେ । କୌଣସି ସାଧକର ଯେଉଁ ଭାଗ ପ୍ରଥମରେ ରୂପାନ୍ତରିତ ହୁଏ ଅନ୍ୟ ସାଧକର ସେହି ଭାଗ ଶେଷରେ ହୋଇପାରେ ।

ପ୍ରଶ୍ନ : ଏହା ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିଥିବା ସାଧକମାନଙ୍କ ସକାଶେ ଉଚିତ; କିନ୍ତୁ ପୁରାତନ ଯୋଗମାର୍ଗର ସାଧକ ଗୋଟିଏ ମାର୍ଗକୁ ଗ୍ରହଣ କରି ନେଇଛନ୍ତି । ସେମାନଙ୍କର ତାହା ସ୍ୱଭାବରେ ପରିଣତ ହୋଇଛି । ସେମାନେ ଯଦି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରନ୍ତି ତେବେ ତାହା ସେମାନଙ୍କର ସ୍ୱଭାବର ପ୍ରତିକୂଳ ହେବ ନାହିଁ କି ?

ଉତ୍ତର : ସେମାନଙ୍କର ସ୍ୱଭାବର ପ୍ରତିକୂଳ ହେବ ନାହିଁ; କାରଣ ପୁରାତନ ଯୋଗ-ସାଧକମାନେ କେବଳ ଭାଗବତୀ ଶକ୍ତିଙ୍କୁ ସମର୍ପଣ କଲେ ସେ ସାଧକର ସ୍ୱଭାବ ଅନୁକୂଳ ମାର୍ଗ ମଧ୍ୟଦେଇ ଲକ୍ଷ୍ୟକୁ ନେଇଯା'ନ୍ତି । ଭାଗବତୀ ଶକ୍ତି ସାଧକର ସମସ୍ତ ସତ୍ତା ଏବଂ ପ୍ରତିକୂଳ ଶକ୍ତିମାନଙ୍କ ଆକ୍ରମଣକୁ ଉତ୍ତମରୂପେ ଜାଣନ୍ତି, ଆଉ ସେସବୁର ଆକ୍ରମଣରୁ ରକ୍ଷା କରନ୍ତି, ସାଧକକୁ ଅଭ୍ରାନ୍ତ ମାର୍ଗରେ ନେଇଚାଲନ୍ତି । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗ କୌଣସି ପୁରାତନ ଯୋଗର ବିରୋଧ ନୁହେଁ, ସମସ୍ତ ଯୋଗର ପରିପୂରକ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଭାଗବତୀ ଶକ୍ତି ସାଧକକୁ ପରିଚାଳିତ କରିବାରୁ ତାହାର ସ୍ୱଧର୍ମ ସ୍ୱତଃସ୍ଫୂର୍ତ୍ତଭାବେ ପାଳିତ ହୁଏ । କାରଣ ଭାଗବତୀ ଶକ୍ତି ନିଜ ଜ୍ଞାନଦୃଷ୍ଟିରେ ତାହାର 'ସ୍ୱଧର୍ମ' ଜାଣି ସେହି ମାର୍ଗରେ ତାକୁ ଲକ୍ଷ୍ୟକୁ ନେଇଯା'ନ୍ତି । କେତେକ ପୁରାତନ ଯୋଗରେ ସମର୍ପଣ ଯଦିଓ ଅଛି ତଥାପି ନିର୍ଦ୍ଦିଷ୍ଟ ଭାବେ ଭାଗବତୀ ଶକ୍ତି ଦ୍ୱାରା ସାଧନା ପରିଚାଳିତ ହେବାର ନାହିଁ । ସେ ସକାଶେ ସେମାନେ ଠିକ୍ ସ୍ୱଧର୍ମ ମାର୍ଗରେ ନିଶ୍ଚିତରୂପେ ପରିଚାଳିତ ହୋଇପାରନ୍ତି ବୋଲି କହିବା କଠିନ । ସାଧନାର ଅନୁକୂଳ ଯାହାର ସ୍ୱଭାବ ଥାଏ, ତାହା ତା'ର ସ୍ୱଧର୍ମ ହୋଇଥାଏ । ସାଧନାର ପ୍ରତିକୂଳ ଯାହାର ସ୍ୱଭାବ, ତାକୁ ସଂଘର୍ଷ କରିବାକୁ ପଡ଼େ । ଜ୍ଞାନମାର୍ଗରେ ଭାଗବତୀ ଶକ୍ତିର ପରିଚାଳନାର ପ୍ରଶ୍ନ ଉଠେ ନାହିଁ । ବୈଷ୍ଣବ ଓ ତାନ୍ତ୍ରିକମାନଙ୍କର ଯଦିଓ ସମର୍ପଣ ଅଛି ତାହା ଆଂଶିକ ଅର୍ଥାତ୍ ଶରୀରର ସମର୍ପଣ ହୁଏ ନାହିଁ ଏବଂ ଶରୀରର ରୂପାନ୍ତର ମଧ୍ୟ ସେମାନଙ୍କର ଲକ୍ଷ୍ୟ ନ ଥାଏ ।

## ପ୍ରତ୍ୟେକ ବ୍ୟକ୍ତିର ଅବସ୍ଥା

ସଂସାରରେ ପ୍ରତ୍ୟେକ ବ୍ୟକ୍ତି ସୁଖରେ ରହିବାକୁ ଚାହେଁ । ସେହି ସୁଖ ପାଇଁ ବ୍ୟକ୍ତି ଚାଷ କରେ, ବେପାର କରେ, ଚାକିରି କରେ, ମିଛ କହେ, ଚୋରି କରେ ଓ ନାନାଦି ଜାଲଜୁଆଚୋରି ମଧ୍ୟ କରେ । ଯେଉଁମାନେ ସୁଖ ପାଇବା ଉଦ୍ଦେଶ୍ୟରେ ନାନାଦି କୁକର୍ମ ଓ ମିଥ୍ୟାଚାର କରନ୍ତି, ସେମାନେ ପ୍ରକୃତରେ ଅଧିକ ଦୁଃଖ ପାଆନ୍ତି । ସେମାନଙ୍କୁ ସୁଖ କେବେ ବି ମିଳେ ନାହିଁ । ଏହିପରି ଲୋକ ବର୍ତ୍ତମାନ ସଂସାରରେ ବହୁ ସଂଖ୍ୟାରେ ଅଛନ୍ତି । ସେ ନେଇ ସଂସାରରେ ଅତ୍ୟନ୍ତ ଦୁଃଖ । ପ୍ରକୃତରେ ସୁଖୀ ସେହିମାନେ, ଯେଉଁମାନେ ଭଗବାନଙ୍କୁ ମାନନ୍ତି, ସତ୍ୟ ଆଚରଣ କରନ୍ତି ଓ ଅନ୍ୟକୁ ହିଂସା କରନ୍ତି ନାହିଁ । ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଭଗବାନ୍ ଅଛନ୍ତି । ତୁମେ ଯଦି କାହାକୁ ହିଂସା କରିବ କିଂବା କଷ୍ଟ ଦେବାକୁ ଚାହିଁବ ଅଥବା ଦେବ, ତେବେ ସେହି କଷ୍ଟର ପ୍ରତିକ୍ରିୟା ତୁମ ଉପରେ ଆସି ପଡ଼ିବ । ସେ କଷ୍ଟ ପାଇ ଦୁଃଖ ପାଇବ, ତୁମେ କଷ୍ଟଦେଇ ମଧ୍ୟ ଦୁଃଖ ପାଇବ ।

ଉଦାହରଣ –

ଯଦି କେହି ବ୍ୟକ୍ତି କାହା ସଙ୍ଗେ ଝଗଡ଼ା କରେ, ଗାଳି ଦିଏ, ଯେ ଗାଳି ଖାଏ ତା'ର ରାଗ ହୁଏ । ସେ ପ୍ରତିଶୋଧ ନେବାକୁ ବରାବର ଚେଷ୍ଟା କରେ ଓ ସେହି ବିଷୟରେ ବରାବର ଚିନ୍ତା କରେ । ତା'ର ସବୁ ପ୍ରକାର ଅଶାନ୍ତି ହୁଏ । ଦିନରାତି ସେହି କଥା ଭାବି ତା' ହୃଦୟ ଜଳୁଥାଏ । ସେହି ବ୍ୟକ୍ତିର ଯେପରି ହୁଏ, ଠିକ୍ ସେହିପରି ଗାଳି

ଦେଇଥିବା ବା ଝଗଡ଼ା କରିଥିବା ବ୍ୟକ୍ତିର ହୁଏ । ବ୍ୟକ୍ତି ଝଗଡ଼ା କରେ, ମାଲିମକଦ୍ଦମା କରେ, ଅନ୍ୟ ବ୍ୟକ୍ତିକୁ ଜବତ୍ କରିବା ପାଇଁ, କଷ୍ଟ ଦେବା ପାଇଁ, କିନ୍ତୁ ତାକୁ ଯେପରି କଷ୍ଟ ହୁଏ, ନିଜକୁ ମଧ୍ୟ ସେହିପରି କଷ୍ଟ ହୁଏ । ଦୁଇ ଜଣଙ୍କର ସମାନ ହାନି, ସମାନ କଷ୍ଟ, ସମାନ ଅଶାନ୍ତି ଓ ସମାନ ଦ୍ୱନ୍ଦ୍ୱ । ଏଣୁ ପ୍ରତ୍ୟେକ ବ୍ୟକ୍ତି ଅନ୍ୟକୁ ହିଂସା ନ କଲେ, ଅନ୍ୟକୁ କଷ୍ଟ ନ ଦେଲେ ସେ ନିଜେ ସୁଖଶାନ୍ତିରେ ରହିବ । ଅନ୍ୟମାନେ ମଧ୍ୟ ସୁଖଶାନ୍ତିରେ ରହିବେ ।

ପ୍ରଶ୍ନ : ବର୍ତ୍ତମାନ ପ୍ରାୟ ଅଧିକାଂଶ ବ୍ୟକ୍ତି ଅସତ୍ ଆଚରଣ କରୁଛନ୍ତି । ସେମାନଙ୍କ ସଙ୍ଗେ ରହି ସେମାନଙ୍କ ସହିତ ବ୍ୟବହାର କରି କିପରି ସତ୍ ଆଚରଣ କରିବା ସମ୍ଭବ ହେବ ?

ଉତ୍ତର : ଅସତ୍ ଆଚରଣ ନ କରିବାକୁ ଦୃଢ଼ ସଂକଳ୍ପ କରି ଭଗବାନଙ୍କ ଆଶ୍ରୟ ନେଲେ ବ୍ୟକ୍ତି ସତ୍ ଆଚରଣ କରିପାରେ । ଭଗବାନ୍ ତାକୁ ସାହାଯ୍ୟ କରନ୍ତି । ବର୍ତ୍ତମାନ ଘୋର କଳିକାଳ । କ'ଣ ଏସମୟରେ ବି ସତ୍ୟ ଆଚରଣ କରୁଥିବା ବ୍ୟକ୍ତିଙ୍କ ଅଭାବ ? ସତ୍ୟ ଆଚରଣ କରିବା ବ୍ୟକ୍ତି ନ ଥିଲେ ଏ ସଂସାର ରହନ୍ତା ନାହିଁ ।

ଯଦ୍ୟପି ସଂସାର ବର୍ତ୍ତମାନ ଘୋର ଅନ୍ଧକାରରେ ପୂର୍ଣ୍ଣ, ବ୍ୟକ୍ତିର ଚରିତ୍ର ନଷ୍ଟ, ସଂସାରରେ ଅନ୍ୟାୟର ତାଣ୍ଡବନୃତ୍ୟ, ତଥାପି ଏହି ସମୟ ପ୍ରକୃତରେ ମନୁଷ୍ୟ ସକାଶେ ବରଦାନ ତୁଲ୍ୟ ମହାନ୍ ସୁଯୋଗ । କାରଣ, ଯେତେବେଳେ ସଂସାରରେ ଅତ୍ୟନ୍ତ ଅନ୍ଧକାର ବୃଦ୍ଧି ହୁଏ, ସେତିକିବେଳେ କୌଣସି ମହାପୁରୁଷ ଅବତାର ନେଇ ଏହି ସଂସାରକୁ ଆସି ବ୍ୟକ୍ତିକୁ ସତ୍ୟମାର୍ଗରେ ପରିଚାଳିତ କରନ୍ତି, ସତ୍ୟମାର୍ଗ ଦେଖାନ୍ତି । ଅନ୍ୟ ସମୟରେ ବ୍ୟକ୍ତି ବହୁତ କଷ୍ଟପ୍ରଦ ସାଧନା କରି ବହୁତ ବର୍ଷରେ ଯାହା ପ୍ରାପ୍ତ କରି ନ ପାରେ, କୌଣସି ମହାପୁରୁଷ ଆସିବା ସମୟରେ ଅଳ୍ପ ପ୍ରୟାସରେ, ବହୁତ ଅଳ୍ପ ସମୟ ମଧ୍ୟରେ ବ୍ୟକ୍ତି ତାହା ଅପେକ୍ଷା ଅଧିକ ପ୍ରାପ୍ତ କରିପାରେ । ବୁଦ୍ଧଦେବ, ଶଙ୍କର, ରାମାନୁଜ, ଚୈତନ୍ୟ ମହାପ୍ରଭୁ ଯେତେବେଳେ ଆସିଥିଲେ ସେତେବେଳେ ଏହାହିଁ ହୋଇଥିଲା । ଭାଗବତକାର ଜଗନ୍ନାଥ ଦାସଙ୍କ ସମୟରେ ଗ୍ରାମେ ଗ୍ରାମେ ଭାଗବତ ଘର ହୋଇଥିଲା । ଲୋକେ ସନ୍ଧ୍ୟାବେଳକୁ ପୁରାଣ ଶାସ୍ତ୍ର ପଢୁଥିଲେ । ସେମାନଙ୍କ ବୁଦ୍ଧି ଶୁଦ୍ଧ ହେଉଥିଲା । ଚୈତନ୍ୟ ମହାପ୍ରଭୁଙ୍କ ସମୟରେ ପ୍ରତି ଗ୍ରାମରେ ନାମ-ସଂକୀର୍ତ୍ତନ ହେଉଥିଲା । ଲୋକଙ୍କ ମନ ଓ ହୃଦୟ ଶୁଦ୍ଧ ହେବା ସଙ୍ଗେ ସଙ୍ଗେ ଗ୍ରାମର ବାତାବରଣ ଶୁଦ୍ଧ ହୋଇଯାଉଥିଲା । ଲୋକେ ସତ୍ୟବାଦୀ, ସରଳ, ନିଷ୍କପଟ ହେଉଥିଲେ ଏବଂ ସୁଖରେ ଥିଲେ । ଅଧ୍ୟାତ୍ମ ପ୍ରଭାବ କ୍ରମଶଃ କମିବାରୁ ବର୍ବରତା ଅଧିକ ବଢ଼ିଲା । ଲୋକେ ଦମ୍ଭୀ, କପଟୀ, ପାଷଣ୍ଡ ହେଲେ । ଦେଶରେ ଦିନକୁ ଦିନ ଅଧିକ ଦୁର୍ଦ୍ଦଶା ବଢ଼ିଲା । ବର୍ତ୍ତମାନ ସଂସାର ଦୁର୍ଦ୍ଦଶାର ଶେଷ ସୀମାରେ ପହଞ୍ଚିଲାଣି । ଏହି ଅବସ୍ଥାରୁ ମନୁଷ୍ୟଜାତିକୁ ଉପରକୁ ଉଠାଇବାକୁ ଅନ୍ୟ କୌଣସି ମାର୍ଗ ନାହିଁ । ରାଜନୀତି, ସମାଜନୀତି, ଅନ୍ୟ କୌଣସି ପ୍ରକାର ନୀତି ମଧ୍ୟ ମନୁଷ୍ୟକୁ ସାହାଯ୍ୟ କରିପାରିବ ନାହିଁ । ପୂର୍ବେ ଯେପରି ସଂସାରର ସଂକଟ ସମୟରେ ଶ୍ରୀରାମ, ଶ୍ରୀକୃଷ୍ଣ, ଚୈତନ୍ୟ ମହାପ୍ରଭୁ ଓଗେର ମହାପୁରୁଷ ପୃଥିବୀକୁ ଆସି ମନୁଷ୍ୟଜାତିକୁ ରକ୍ଷା କରିଥିଲେ, ବର୍ତ୍ତମାନ ସେହିପରି ଏକ ସଂକଟ ସମୟରେ ରକ୍ଷା କରିବାକୁ ଶ୍ରୀମା ଓ ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ନିଜର ଆଦର୍ଶ ମନୁଷ୍ୟଜାତି ପାଖରେ ରଖିଅଛନ୍ତି । ଯେଉଁମାନେ ଏହି ଆଦର୍ଶକୁ ଗ୍ରହଣ କରିବେ ସେମାନେ ଏହି ସଂକଟରୁ ଉଦ୍ଧାର ପାଇବେ ଏବଂ କିଛି ବର୍ଷ ପରେ ପୁରାଣର କଥା ଅନୁସାରେ କଳିଯୁଗ ପରେ ସତ୍ୟଯୁଗର ଆବିର୍ଭାବ ହେବ ।

ସଂସାରରେ ଯେଉଁ ସମୟରେ ଯେପରି ଶିକ୍ଷା ଆବଶ୍ୟକ ଥାଏ, ସେହି ଶିକ୍ଷା ଦେବା ପାଇଁ ମହାପୁରୁଷମାନେ ପୃଥିବୀକୁ ଆସି ଶିକ୍ଷା ଦିଅନ୍ତି । ସେହି ଶିକ୍ଷା ହୁଏ ସମୟାନୁକୂଳ । ଶ୍ରୀରାମଚନ୍ଦ୍ର ଯେଉଁ ଶିକ୍ଷା ଦେଇ ଯାଇଥିଲେ ଶ୍ରୀକୃଷ୍ଣ ଆସିବାର ସମୟରେ ସେ ଶିକ୍ଷାର ପ୍ରୟୋଜନ ନ ଥିଲା । ସେ ଗୀତାର ଶିକ୍ଷା ଦେଲେ । ବୁଦ୍ଧଦେବ ଯେଉଁ ଶିକ୍ଷା ଦେଲେ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସମୟରେ ତାହା ଚଳିଲା ନାହିଁ । ଚୈତନ୍ୟ ମହାପ୍ରଭୁ କୀର୍ତ୍ତନ ଶିକ୍ଷା ଦେଲେ । ସେହିପରି ବର୍ତ୍ତମାନ ସମୟରେ ଶ୍ରୀଅରବିନ୍ଦଙ୍କ ନୂତନ ଅଧ୍ୟାତ୍ମ ଶିକ୍ଷା ଆବଶ୍ୟକ ।

ବର୍ତ୍ତମାନ ଯୁଗ-ପରିବର୍ତ୍ତନର ସମୟ । ପ୍ରଚଳିତ ଯୁଗର ଧର୍ମ ଓ ନୈତିକତା ସଂପୂର୍ଣ୍ଣରୂପେ ଭାଙ୍ଗି ଯାଇଛି । ଏହି କାରଣରୁ ବ୍ୟକ୍ତି, ପରିବାର, ସମାଜ ଓ ଶାସନରେ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଚରମ ଅବସ୍ଥାରେ ପହଞ୍ଚି ଅଛି । ପୂର୍ବେ ଅଧର୍ମ ବୃଦ୍ଧି ହେଲେ ତାକୁ ହ୍ରାସ କରି ଧର୍ମର ଉତ୍‌ଥାନ ସକାଶେ ଯେପରି ଭଗବାନ୍ ମନୁଷ୍ୟଜାତିକୁ ଅଧର୍ମରୁ

ରକ୍ଷା କରୁଥିଲେ ସେହିପରି ଶ୍ରୀମା ଶ୍ରୀଅରବିନ୍ଦ ପୃଥିବୀକୁ ଆସି ନିଜ ଅଧ୍ୟାତ୍ମ ସାଧନାରେ ପରାର୍ଦ୍ଧର ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ଉତାରି ଆଣି ଏହି ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗପ୍ରଣାଳୀରେ ବ୍ୟକ୍ତି ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ସମର୍ପଣ କଲେ, ଲକ୍ଷ୍ୟପ୍ରାପ୍ତି ସକାଶେ ଅଭୀପ୍ସା, ପ୍ରତିକୂଳ କର୍ମ ଆଚରଣ ଓ ବିଚାରକୁ ତ୍ୟାଗ କଲେ ଅତିମାନସ ଶକ୍ତି ବ୍ୟକ୍ତି ମଧ୍ୟରେ ରୂପାନ୍ତର କ୍ରିୟା କରି ପାରିବ । ସାଧକମାନେ ସାଧନାରେ ଅଗ୍ରସର ହେବା ଅନୁପାତରେ ସଂସାରରୁ ଦୁଃଖ, କଷ୍ଟ, ଅଭାବ, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଚୋରି, ଡକାୟତି, ହିଂସା ଆଉ ଦୁଷ୍କର୍ମ କମ୍ ହେଉଥିବ; ଏବଂ ଅହିଂସା, ଭ୍ରାତୃତ୍ୱ, ଶାନ୍ତି, ସମତା ଆସ୍ତେ ଆସ୍ତେ ବୃଦ୍ଧି ହେବାକୁ ଲାଗିବ । ଯେତେବେଳେ କିଛି ବ୍ୟକ୍ତିଙ୍କର ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ପୂର୍ଣ୍ଣତଃ ରୂପାନ୍ତରିତ ହେବ ସେମାନେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ସଂପୂର୍ଣ୍ଣ ମୁକ୍ତ ହେବେ । ସେହିମାନେ ହେବେ ଅତିମାନବ । ସେତେବେଳେ ସଂସାର ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ଏହା ହେବ ଅତିମାନସ ସତ୍ୟ ଯୁଗ । ଏହି ଅତିମାନସ ସତ୍ୟ ଯୁଗ ପରେ ପୂର୍ବ ପ୍ରଣାଳୀ ଅନୁସାରେ ପୁନରାୟ ତ୍ରେତା, ଦ୍ୱାପରାଦି ଯୁଗଚକ୍ର ରହିବ ନାହିଁ । ଅତିମାନସ ସତ୍ୟଯୁଗ ସ୍ଥାୟୀ ହୋଇ ରହିବ ଏବଂ ଆନନ୍ଦରୁ ଅନନ୍ତ ଆନନ୍ଦକୁ, ସତ୍ୟରୁ ଅନନ୍ତ ସତ୍ୟକୁ, ଶକ୍ତିରୁ ଅନନ୍ତ ଶକ୍ତିକୁ ବିକଶିତ ହୋଇ ଚାଲିଥିବ । ଭଗବତ୍ ପରାର୍ଦ୍ଧ – ସାକେତ, ଗୋଲୋକ, ବୈକୁଣ୍ଠ, ସଚ୍ଚିଦାନନ୍ଦଧାମ ଏବଂ ଏହି ମୃତ୍ୟୁପୁରୀ ମଧ୍ୟରେ କୌଣସି ବ୍ୟବଧାନ ରହିବ ନାହିଁ । ସବୁ ଏକ ହୋଇଯିବ । ଭଗବାନ୍ ଆଉ ଅପ୍ରତ୍ୟକ୍ଷ ରହିବେ ନାହିଁ । ସାକେତ, ଗୋଲୋକ, ବୈକୁଣ୍ଠ ସଦୃଶ ଏହି ଅତିମାନବଙ୍କ ସମ୍ମୁଖରେ ଭଗବାନ୍ ନିରାବରଣ ରହିବେ ।

ଏହାହିଁ ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ ଏବଂ ମନୁଷ୍ୟର ଲକ୍ଷ୍ୟ । ଏହି ଦୁରୂହ ଲକ୍ଷ୍ୟ ପ୍ରାପ୍ତିର ସାଧନା ଅତ୍ୟନ୍ତ ସରଳ ହୁଏ ଯଦି ବ୍ୟକ୍ତି ନିଜକୁ ଛୋଟ ଶିଶୁ ସଦୃଶ ଶ୍ରୀମା'ଙ୍କ ଚରଣରେ ନିଜକୁ ସମର୍ପଣ କରିଦିଏ । ଏହା ଆହୁରି ସହଜ ହୋଇପାରେ ଯଦି ସାଧକ 'ମା' – ଏହି ନାମ ନିରନ୍ତର, ସବୁ ସମୟରେ, ସକଳ କର୍ମରେ ଜପ କରେ । ଜପ ସଙ୍ଗେ ସଙ୍ଗେ ଏହି ଧାରଣା କରିବା ଦରକାର ଯେ, ''ମୁଁ ତୁମର'' । ସାଧନାର ଏକେବାରେ ଆରମ୍ଭରୁ ଶ୍ରୀମା ସାଧକକୁ ଛୋଟ ଶିଶୁ ସଦୃଶ ସକଳ ବାଧା ବିପତ୍ତି, ଦୁଃଖକଷ୍ଟରୁ ରକ୍ଷା କରନ୍ତି । ସାଧନା-ମାର୍ଗରେ ଛୋଟ ଶିଶୁର ହାତଧରି ମା' ଚଳାଇବା ସଦୃଶ ଶ୍ରୀମା ସାଧକକୁ ପରିଚାଳନା କରନ୍ତି; ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ସମୟରେ ଆସୁଥିବା ପ୍ରତିକୂଳ ଅବସ୍ଥାରୁ ରକ୍ଷା କରନ୍ତି । ବହୁତ ବର୍ଷର ସାଧନା ନାମଜପରେ ଅଳ୍ପ ବର୍ଷ ମଧ୍ୟରେ ସମ୍ପନ୍ନ ହୋଇପାରେ । ଜାଗତିକ ବାଧାବିପତ୍ତି ମଧ୍ୟ ନାମଜପରେ ଦୂର ହୁଏ । ନାମଜପ ବିଷୟରେ ମା'ଙ୍କର ବାଣୀସବୁ ''ରୂପାନ୍ତର ଯୋଗରେ ନାମଜପ'' ବହିରେ ସଂଗୃହୀତ କରାହୋଇଅଛି ।

## ସଂସାରର ଉନ୍ନତିରେ ନାରୀମାନଙ୍କର କର୍ତ୍ତବ୍ୟ

### ମାତାମାନଙ୍କର ଅତୀତର ଗୌରବ

ମା'ମାନେ ଗୃହଲକ୍ଷ୍ମୀ, ଦେବୀ; ଭାଗବତ ପ୍ରେମର ନିମ୍ନରେ ହେଉଛି ମାତୃସ୍ନେହ । ସଂସାରରେ ଯେତେ ସ୍ନେହ ପ୍ରେମ ଅଛି, ସବୁଠାରୁ ଶ୍ରେଷ୍ଠ, ଶୁଦ୍ଧ, ନିଃସ୍ୱାର୍ଥ ହେଲା ମାତୃସ୍ନେହ । କେବଳ ମା' ସନ୍ତାନକୁ ନିଃସ୍ୱାର୍ଥ ସ୍ନେହ କରେ, ନିଜ କଳିଜାରୁ ଅଧିକ ଯତ୍ନକରି ପାଳନ କରେ; ନିଜେ କ୍ଷୁଧାପ୍ରପୀଡ଼ିତା ହୋଇ ସନ୍ତାନକୁ ଭୋଜନ କରାଇ ସନ୍ତୁଷ୍ଟ ହୁଏ । ମା' ସନ୍ତାନର ପ୍ରଥମ ଗୁରୁ ଓ ଶିକ୍ଷାଦାତ୍ରୀ । ସନ୍ତାନର ଶିଶୁ ଅବସ୍ଥାରେ ମା'ର ଯେଉଁ ପ୍ରଭାବ ପଡ଼େ ତାହା ସଂସ୍କାରରେ ପରିଣତ ହୁଏ, ବିକାଶ ପାଏ, କୁଳ ଉଜ୍ଜ୍ୱଳ କରେ ଓ ସନ୍ତାନକୁ ଯୋଗ୍ୟ କରେ । ଦେଶର ଉନ୍ନତିରେ ଅଧିକ ଦାୟିତ୍ୱ ମା' ଉପରେ । ମା' ଯଦି ଆଦର୍ଶଚରିତ୍ରା ହୁଏ, ତେବେ ତା' ଗର୍ଭରେ ଆସନ୍ତି ମହାପୁରୁଷ । ସେହି ମା'ର ଗୋଟିଏ ସନ୍ତାନ ପୃଥିବୀକୁ ଉଦ୍ଧାର କରେ । ଆମ୍ଭେମାନେ ଅତୀତକୁ ସ୍ମରଣ କଲେ ଦେଖିବୁ କେବଳ ଗୋଟିଏ ଗୋଟିଏ ମାତା ନିଜ

ସଦ୍‌ଗୁଣରେ ପରମବ୍ରହ୍ମ ପରମାତ୍ମା ପୁରୁଷୋତ୍ତମ ତତ୍ତ୍ୱକୁ ଗର୍ଭରେ ଧାରଣ କଲେ, ଦୁଗ୍ଧପାନ କରାଇଲେ, କୋଳରେ ଖେଳାଇଲେ, ତପସ୍ୱୀ, ମୁନି, ଋଷିଙ୍କ ଦର୍ଶନ-ଦୁର୍ଲଭ ସେହି ଭଗବାନଙ୍କୁ ଅଙ୍ଗୁଳି ଧରି ଚାଲିବା ଶିଖାଇଲେ, ତାଳି ବଜେଇ ତାଙ୍କୁ ନଚାଇଲେ ଏବଂ ବାତ୍ସଲ୍ୟ-ଲୀଳାର ଆନନ୍ଦ-ସମୁଦ୍ରରେ ଦିବାନିଶି ନିମଗ୍ନ ରହିଲେ । ମାତାର ସ୍ଥାନ କେତେ ଶ୍ରେଷ୍ଠ ! ମୁନି, ଋଷିମାନେ ସମସ୍ତ ଜୀବନ ତପସ୍ୟା କରି ଥରେ ଯେଉଁ ଭଗବାନଙ୍କ ଦର୍ଶନ ପାଇପାରନ୍ତି ନାହିଁ, ଯାହାଙ୍କ ମାୟା ସମସ୍ତ ବ୍ରହ୍ମାଣ୍ଡକୁ ନଚାଏ, ସେହି ଭଗବାନ୍ ମା'ର ଇଙ୍ଗିତରେ ନାଚନ୍ତି । ଏପରି ଆଦର୍ଶ ମା' କେବଳ ଯେ କୌଶଲ୍ୟା, ଯଶୋଦା — ଏହି ଦୁଇଜଣ ତାହା ନୁହେଁ । ଭାରତରେ ବହୁତ ମାତା ନାରଦ, ବ୍ୟାସ, ବଶିଷ୍ଠ, ଶୁକ, ବୁଦ୍ଧ, ଗୌରାଙ୍ଗ, ତୁଳସୀ ଦାସ, ଜ୍ଞାନଦେବ, ତୁକାରାମ, ନାମଦେବ, ପିତାମହ ଭୀଷ୍ମ ଓ ଅର୍ଜୁନଙ୍କ ପରି ବହୁ ସୁପୁତ୍ର ଏବଂ ଭଗବତୀ ସୀତା, ଅନସୂୟା, ଗାର୍ଗୀ, ମୈତ୍ରେୟୀ ଇତ୍ୟାଦି ଅନେକ ଆଦର୍ଶ କନ୍ୟାଙ୍କୁ ଜନ୍ମ ଦେଇଛନ୍ତି । ଆଜି ଆମ୍ଭେମାନେ ସେହିମାନଙ୍କ ଗୁଣଗାନ କରି ପବିତ୍ର ହେଉଅଛୁ ଓ ଉଦ୍ଧାର ହେଉଅଛୁ । ଏଠାରେ ମା' ମଦାଳସାର ଚରିତ୍ର ସଂକ୍ଷେପରେ ବିଚାରଣୀୟ । ସେଥିରୁ ଆମ୍ଭେ ବୁଝିପାରିବା ମା'ର ପ୍ରଭାବ ସନ୍ତାନ ଉପରେ କିପରି ପଡ଼େ ।

## ମଦାଳସା

ଭାଗବତରେ ମଦାଳସାଙ୍କ ଚରିତ୍ର ପ୍ରସିଦ୍ଧ । ସେ ରାଜକନ୍ୟା ଥିଲେ । ସେ ଭାବିଥିଲେ ଯେଉଁ ସନ୍ତାନ ତାଙ୍କ ଗର୍ଭରେ ଆସିବ, ସେ ଅନ୍ୟ ମାତାର ଗର୍ଭକୁ ଯିବ ନାହିଁ । ସେହି ସକାଶେ ସେ ପ୍ରତିଜ୍ଞା କରିଥିଲେ, ''ଯେଉଁ ରାଜା ଏକପତ୍ନୀବ୍ରତ ଧର୍ମ ପାଳନ କରିବେ ଏବଂ ଏହି ସର୍ତ୍ତ ପାଳନ କରିବେ ଯେ ତାଙ୍କ ଗର୍ଭରୁ ଜାତ ସନ୍ତାନ ବାରବର୍ଷ ପର୍ଯ୍ୟନ୍ତ ତାଙ୍କରି ପାଖରେ ରହିବ, ପିତାଙ୍କ ପାଖକୁ ଯିବ ନାହିଁ,— ସେ ତାହାଙ୍କୁହିଁ ବିବାହ କରିବେ । ଏହି ସର୍ତ୍ତ ଜଣେ ରାଜା ସ୍ୱୀକାର କରିବାରୁ ମଦାଳସାଙ୍କର ତାଙ୍କ ସହିତ ବିବାହ ହେଲା ।

ମଦାଳସାଙ୍କର ପ୍ରତିଦିନ ନିୟମ ଥିଲା — ପତିଙ୍କୁ ଈଶ୍ୱର ଭାବରେ ସେବା କରିବା ଏବଂ ଘରର ସମସ୍ତ କାର୍ଯ୍ୟ ଭଗବାନଙ୍କ ସେବା ଭାବରେ କରିବା ସଙ୍ଗେ ସଙ୍ଗେ ଭଗବତ୍ ନାମ ତଥା ଭଗବାନଙ୍କର ଲଳିତ ଲୀଳା ଗାନ କରିବା ତଥା ସତ୍‌ଶାସ୍ତ୍ର ଅଧ୍ୟୟନ କରିବା । ସନ୍ତାନମାନେ ଗର୍ଭରେ ଆସିବା ସମୟରୁ ତାଙ୍କର ଏହି ନିୟମ ଚାଲିଥାଏ । ସନ୍ତାନମାନେ ଜନ୍ମ ହେବା ପରେ ସେ ସେମାନଙ୍କୁ କ୍ଷୀରପାନ କରାଇବା, ସ୍ନାନ କରାଇବା, ଝୁଲଣାରେ ଝୁଲାଇବା, ଖେଳାଇବା, ଭୋଜନ କରାଇଦେବା ସମୟରେ ଭଗବତ୍ ନାମ ଏବଂ ଗୁଣଗାନ କରନ୍ତି । ସନ୍ତାନର ଅତ୍ୟନ୍ତ ଶିଶୁ ଅବସ୍ଥାରୁ ସେମାନଙ୍କୁ ଗୀତା, ଭାଗବତାଦି ଗ୍ରନ୍ଥ ପଢ଼ାନ୍ତି ତଥା ସଂସାର ଦୁଃଖ-ଦ୍ୱନ୍ଦ୍ୱରେ ପୂର୍ଣ୍ଣ ଓ ଶରୀରର ନଶ୍ୱରତା ସମ୍ବନ୍ଧରେ ଉତ୍ତମରୂପେ ବୁଝାଉଥା'ନ୍ତି । ତାଙ୍କ ସନ୍ତାନମାନେ ମାତୃଗର୍ଭରେ ଆସିବା ସମୟରୁ ସତ୍‌ଶିକ୍ଷା ସେମାନଙ୍କ ରକ୍ତରେ ମିଶିଯାଏ ଏବଂ ସଂସ୍କାରରେ ପରିଣତ ହୁଏ । ସେମାନଙ୍କ ମନ-ପ୍ରାଣର ବାସନା କାମନାର ଆବରଣରେ ଆତ୍ମା ଆବୃତ ହୁଏ ନାହିଁ କିଂବା ସଂସାରର ଦୂଷିତ, କଳୁଷିତ ବାତାବରଣ ସେମାନଙ୍କୁ ସ୍ପର୍ଶ କରିପାରେ ନାହିଁ । ବାରବର୍ଷ ପୂରା ହେବା ପରେ ସେମାନେ କଷାୟ ବସ୍ତ୍ର ପରିଧାନ କରି କମଣ୍ଡଳୁ ନେଇ ପିତାଙ୍କ ନିକଟକୁ ଯାଆନ୍ତି ଏବଂ ପ୍ରଣାମ କରି ତପସ୍ୟା ସକାଶେ ବନଗମନ କରନ୍ତି । ଏହିରୂପେ ମଦାଳସାଙ୍କର ଛଅ ପୁଅ ବନକୁ ତପସ୍ୟା କରିବାକୁ ଚାଲିଗଲେ ।

ସପ୍ତମ ପୁତ୍ରକୁ ଯେତେବେଳେ ସାତ ବର୍ଷ ହେଲା ରାଜା ନିଜ ରାଣୀ ମଦାଳସାଙ୍କୁ କହିଲେ, ''ଆମ୍ଭମାନଙ୍କର ଯୌବନ ଅବସ୍ଥା ଶେଷ ହେଲାଣି, ଆମ୍ଭମାନଙ୍କର ଆତ୍ମକଲ୍ୟାଣ ସକାଶେ ତପସ୍ୟା କରିବା ଉଚିତ । ଏହି ଶେଷ ପୁତ୍ରକୁ ବର୍ତ୍ତମାନ ଯଦି ମୋତେ ଦେବ ଏହାକୁ ରାଜନୀତିବିଦ୍ୟା ଶିକ୍ଷା ଦେଇ, ଉପଯୁକ୍ତ ଅବସ୍ଥାରେ ରାଜ୍ୟର ଶାସନଭାର ଦେଇ ଆମେ ତପସ୍ୟା କରିବାକୁ ବନକୁ ଯିବା ।'' ଏଥର ମଦାଳସା ପତିଙ୍କ ପ୍ରସ୍ତାବ ସ୍ୱୀକାର କଲେ ଏବଂ ଶ୍ଳୋକଟିଏ ଲେଖି ଗୋଟିଏ ସୁବର୍ଣ୍ଣ ତାବିଜ ମଧ୍ୟରେ ରଖି ପୁତ୍ରର ହସ୍ତରେ ବାନ୍ଧିଦେଲେ । ସେ ଶ୍ଳୋକଟି ନିମ୍ନରେ ଦିଆଗଲା ।

ଶୁଦ୍ଧୋଽସି ବୁଦ୍ଧୋଽସି ନିରଞ୍ଜନୋଽସି
ସଂସାରମାୟା-ପରିବର୍ଜିତୋଽସି ।
ସଂସାର-ସ୍ୱପ୍ନଂ ତ୍ୟଜ ମୋହନିଦ୍ରାଂ
ମଦାଳସା ବାକ୍ୟମୁବାଚ ପୁତ୍ରମ୍ ॥

''ତୁମେ ଶୁଦ୍ଧ ଆତ୍ମା – କାମ-କ୍ରୋଧାଦି ଦୋଷଶୂନ୍ୟ, ତୁମେ ବୁଦ୍ଧ, ଜ୍ଞାନସ୍ୱରୂପ, ତୁମେ ନିରଞ୍ଜନ, ମାୟାରୁ ପୂର୍ଣ୍ଣ ମୁକ୍ତ; ଅର୍ଥାତ୍ ତୁମେ ମନ-ପ୍ରାଣ-ଶରୀର ବିଶିଷ୍ଟ ବ୍ୟକ୍ତି ନୁହଁ, ସ୍ୱୟଂ ବ୍ରହ୍ମ, ଚିନ୍ମୟ । ତୁମେ ସଂସାର-ମାୟାରୁ ପୃଥକ୍ । ଏହି ସଂସାର ସ୍ୱପ୍ନ, ଏହି ମୋହ-ନିଦ୍ରାରୁ ଜାଗ୍ରତ ହୁଅ, ହେ ପୁତ୍ର, ଏହା ମଦାଳସାର ବାକ୍ୟ ।'' ମଦାଳସା କହିଲେ, ''ଯେତେବେଳେ ଜୀବନର ମହାନ୍ ସଂକଟ ସମୟ ଆସିବ ସେତେବେଳେ ଏହି ତାବିଜକୁ ଖୋଲିବୁ ।''

ରାଜା ଶେଷ ପୁତ୍ରକୁ ନେଇ ନାନାପ୍ରକାର ରାଜନୀତି ଓ ଯୁଦ୍ଧବିଦ୍ୟା ଆଦି ଶିକ୍ଷା ଦେଲେ । ପୁତ୍ରର ଉପଯୁକ୍ତ ବୟସରେ ତାଙ୍କୁ ରାଜ୍ୟର ଶାସନଭାର ଦେଇ ନିଜେ ରାଣୀ ମଦାଳସାଙ୍କ ସହିତ ତପସ୍ୟା କରିବାକୁ ବନକୁ ଚାଲିଗଲେ । ପୂର୍ବରୁ ଯାଇଥିବା ଛଅଜଣ ସନ୍ନ୍ୟାସୀ ପୁତ୍ରଙ୍କ ସହ ବନରେ ଦେଖାହେଲା ।

କିଛି ବର୍ଷ ପରେ ମାତା ମଦାଳସାଙ୍କ ପ୍ରେରଣାରେ ଜଣେ ସନ୍ନ୍ୟାସୀ ପୁତ୍ର ତାଙ୍କ ମାମୁ କାଶୀରାଜଙ୍କ ପାଖରେ ପହଞ୍ଚି ନିଜ ପିତାଙ୍କ ରାଜ୍ୟ ଚାହିଁଲେ । ମାମୁ କାଶୀରାଜ ରାଜା ହୋଇଥିବା ଛୋଟ ଭଣଜାକୁ ରାଜଗାଦି ତାଙ୍କ ସନ୍ନ୍ୟାସୀ ବଡ଼ ଭାଇଙ୍କୁ ଦେଇଦେବା ଲାଗି ପ୍ରସ୍ତାବ ଦେଲେ । ସେ ସେହି ପ୍ରସ୍ତାବ ଅସ୍ୱୀକାର କରି ମାମୁଙ୍କ ସଙ୍ଗେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଲେ । ମାମୁ କାଶୀରାଜଙ୍କ ସହ ତାଙ୍କର ଯୁଦ୍ଧ ହେଲା । ଶେଷରେ ମାମୁଙ୍କ ପାଖରୁ ହାରି ରାଜ୍ୟ ଛାଡ଼ି ଜୀବନ ରକ୍ଷା କରିବା ସକାଶେ ଏକା ଜଙ୍ଗଲକୁ ପଳାଇଗଲେ । ଯେତେବେଳେ କ୍ଷୁଧାତୃଷାରେ ଅତ୍ୟନ୍ତ ବ୍ୟାକୁଳ ହେଲେ ସେତେବେଳେ ତାଙ୍କ ହାତ ତାବିଜ କଥା ମନେପଡ଼ିଲା ଏବଂ ସେ ତାକୁ ଦେଖିଲେ । ତାବିଜ ଭିତରେ ଥିବା ଶ୍ଳୋକଟି ପଢ଼ିବା ମାତ୍ରେ ତାଙ୍କ ବାଲ୍ୟ ଅବସ୍ଥାର ସୁପ୍ତ ସଂସ୍କାର ଏବଂ ଜ୍ଞାନ ଉଦୟ ହେଲା । ସେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ବନସ୍ତରେ ପ୍ରବେଶ କଲେ । ଯେଉଁ ସନ୍ନ୍ୟାସୀ ଭାଇ ରାଜ୍ୟ ଦାବି କରି ମାମୁଙ୍କ ପାଖକୁ ଯାଇଥିଲେ, ଯୁଦ୍ଧ ଶେଷରେ ମାମୁଙ୍କୁ ସତ୍ ଉପଦେଶ ତଥା ରାଜ୍ୟ ଶାସନଭାର ଦେଇ ସେ ପୁନର୍ବାର ଜଙ୍ଗଲକୁ ଫେରି ଆସିଲେ । ତାଙ୍କର ଉଦ୍ଦେଶ୍ୟ ରାଜ୍ୟ ପ୍ରାପ୍ତ କରିବା ନ ଥିଲା, ଥିଲା ଛୋଟ ଭାଇକୁ ସଂସାରବନ୍ଧନରୁ ମୁକ୍ତ କରିବା । ସେ ବନସ୍ତକୁ ଫେରି ଆସି ଛୋଟ ଭାଇକୁ ସନ୍ନ୍ୟାସୀ ରୂପରେ ଅନ୍ୟ ସନ୍ନ୍ୟାସୀ ଭାଇ ଏବଂ ପିତାମାତାଙ୍କ ସହ ଦେଖି ବିଶେଷ ଆନନ୍ଦିତ ହେଲେ । ସନ୍ନ୍ୟାସୀ ଛୋଟ ଭାଇ ମଧ୍ୟ ରାଜ୍ୟ ଦାବି କରିଥିବା ବଡ଼ ଭାଇଙ୍କୁ ଦେଖି ଗୁରୁ ଭାବରେ ତାଙ୍କୁ ଭକ୍ତିର ସହ ପ୍ରଣାମ କରି ବିଶେଷ ଆନନ୍ଦିତ ହେଲେ । ଯଦ୍ୟପି ସେମାନେ ଜଙ୍ଗଲରେ ଥିଲେ ତଥାପି ରହୁଥିଲେ ପୃଥକ୍ ପୃଥକ୍ ପର୍ଣ୍ଣ କୁଟୀରରେ ।

ସାଧାରଣତଃ ଜଣେ ମା'ର ଅସାଧାରଣ ଶକ୍ତି ଥାଏ । ସେ ନିଜ ଶକ୍ତିକୁ ଯଥାର୍ଥରେ ଯେକୌଣସି କାର୍ଯ୍ୟରେ ଲଗାଏ ସେଥିରେ ସେ ସଫଳ ହୁଏ । ସେ ନିଜ ସଦ୍‌ଗୁଣରେ ଘରକୁ ସ୍ୱର୍ଗରେ ପରିଣତ କରିପାରେ, ଅଥବା ଦୁର୍ଗୁଣରେ କୁଳର ମାନସମ୍ମାନ ବ୍ୟର୍ଥ କରେ, ସମ୍ପତ୍ତି ନଷ୍ଟ କରିପାରେ, ଘରେ ଝଗଡ଼ାର ମୂଳ କାରଣ ହୋଇ ଭାଇ ଭାଇ ମଧ୍ୟରେ, ପିତା ପୁତ୍ର ମଧ୍ୟରେ କଳହ ଲଗାଇ ଦରିଦ୍ର କରାଇପାରେ ।

କାହ ନ ପାବକୁ ଜାରି ସକେ କା' ନ ସମୁଦ୍ର ସମାଇ ।
କା' ନ କରେ ଅବଳା ପ୍ରବଳ କେହି ଜଗ କାଳ ନ ଖାଇ ॥
(ତୁଳସୀକୃତ ରାମାୟଣ)

''ଅଗ୍ନି କ'ଣ ଭସ୍ମ କରିପାରେ ନାହିଁ ? ସମୁଦ୍ର କ'ଣ ଧାରଣ କରିପାରେ ନାହିଁ ? ଅବଳା, କିନ୍ତୁ ଯଥାର୍ଥରେ

ସେ ପ୍ରବଳା, ସେ କ'ଣ କରିପାରେ ନାହିଁ ? ସଂସାରରେ ଏପରି କୌଣସି ବସ୍ତୁ ଅଛି ଯାହାକୁ କାଳ ଗ୍ରାସ କରିପାରେ ନାହିଁ ?''

ସ୍ୱଭାବତଃ ମହିଳାମାନଙ୍କ ଶାରୀରିକ ବଳ କମ୍, ବାହାରକୁ ଯିବା ଆସିବା ପୂର୍ବେ କମ୍ ଥିଲା, ଅଧିକାର ମଧ୍ୟ କମ୍ ଥିଲା । କିନ୍ତୁ ସେ କିପରି ଖେଳ ଖେଳିପାରେ, ଆମ୍ଭେମାନେ କୈକେୟୀଙ୍କ ଚରିତ୍ରରୁ ତାହା ଜାଣିପାରିବା ।

ଶ୍ରୀ ଦଶରଥ ଥିଲେ ଚକ୍ରବର୍ତ୍ତୀ ସମ୍ରାଟ । ତାଙ୍କର ସୈନ୍ୟବଳ ଅପାର, ଐଶ୍ୱର୍ଯ୍ୟ ଅପରିମିତ ଥିଲା । ରାଜାମାନେ ଆଜ୍ଞାକୁ ଅପେକ୍ଷା କରିଥିଲେ । ରାଜାଙ୍କର ଏପରି ପ୍ରଭୁତ୍ୱ ଥିଲା କିନ୍ତୁ କୈକେୟୀଙ୍କ ପାଖରେ ଏସବୁ ନ ଥିଲା, ଥିଲା ମୋହମାୟା କୌଶଳ । ସେହି କୌଶଳ ପାଖରେ ଦଶରଥଙ୍କର ସମସ୍ତ ଶକ୍ତି, ସମସ୍ତ ଐଶ୍ୱର୍ଯ୍ୟ, ସମସ୍ତ ପ୍ରଭୁତ୍ୱ ବିଫଳ ହେଲା । ଶେଷରେ ନିଜର ଅନିଚ୍ଛା ସତ୍ତ୍ୱେ ପ୍ରାଣରୁ ଅଧିକ ପ୍ରିୟ ପୁତ୍ର ଶ୍ରୀରାମଙ୍କୁ ବନବାସ ଦେଇ ନିଜେ ଶରୀର ତ୍ୟାଗ କଲେ । ଅବଳା ଦୁର୍ବଳା ହେବା ସତ୍ତ୍ୱେ ସେ ପ୍ରକୃତରେ ସବଳା । ମା'ମାନେ ଶକ୍ତିସ୍ୱରୂପା । ଭଗବାନ୍ ସ୍ୱୟଂ ଶକ୍ତି ଦ୍ୱାରାହିଁ ସଂସାର ସର୍ଜନା କରନ୍ତି । କ୍ରମବିକାଶ ଓ ଯୁଗଧର୍ମ ଅନୁସାରେ ସଂସାର ଉତ୍ଥାନ ପତନ ମାର୍ଗରେ ନିଜ ଲକ୍ଷ୍ୟ ଆଡ଼କୁ ଗତି କରୁଅଛି । କାଳ ପ୍ରଭାବରେ ପତନ ସମୟରେ ବି ମା'ମାନେ ନିଜେ ଧର୍ମରକ୍ଷା କରିବା ସକାଶେ ପରଦାରେ ରହି ନିଜ ଧାର୍ମିକ ପ୍ରଭାବରେ ବୀର ତଥା ଭକ୍ତ ସନ୍ତାନମାନଙ୍କୁ ଉତ୍ପନ୍ନ କରି ସଂସାରକୁ ସାହାଯ୍ୟ କରିଛନ୍ତି । କିନ୍ତୁ କ୍ରମବିକାଶର ନିୟମ ହେଲା ପ୍ରଚଳିତ ନୀତି ନିୟମକୁ ଭାଙ୍ଗି ପୂର୍ଣ୍ଣ ସତ୍ୟ ଆଡ଼କୁ ଗତି କରିବା । ବର୍ତ୍ତମାନ ସେହି ସମୟ ଆସିଛି । ସମଗ୍ର ସଂସାରରୁ ନୈତିକ ସଦାଚାର ନଷ୍ଟ ହେବାରୁ ସର୍ବତ୍ର ଅନ୍ୟାୟ ଅତ୍ୟାଚାରର ପ୍ରସାର ହେବା ସଙ୍ଗେ ସଙ୍ଗେ ମହିଳାମାନଙ୍କ ଉପରେ ତାହାର ପ୍ରଭାବ ମଧ୍ୟ ପୂର୍ଣ୍ଣରୂପେ ପଡ଼ିଛି । ସମୟର ପ୍ରଭାବ ସମାନରୂପେ ପ୍ରତ୍ୟେକ ବ୍ୟକ୍ତି ଉପରେ ପଡ଼େ, ସେ ସ୍ତ୍ରୀ ହେଉ ବା ପୁରୁଷ ହେଉ ।

## ନାରୀମାନଙ୍କର ବର୍ତ୍ତମାନ ଅବସ୍ଥା

ଯୁଗପ୍ରଭାବରୁ ମହିଳାମାନେ ଯେଉଁ ପବିତ୍ରତା ଓ ଧର୍ମକୁ ପ୍ରାଣ ଦେଇ ପାଳନ କରୁଥିଲେ, ଯେଉଁ ଧର୍ମ ସକାଶେ ସମ୍ମାନିତା ଆଉ ପୂଜ୍ୟା ହେଉଥିଲେ, ଯାହାକୁ ପାଳନ କରିବା ସକାଶେ ସ୍ୱେଚ୍ଛାରେ ପରଦା ସ୍ୱୀକାର କରିଥିଲେ, ଆଜି ତାକୁ ବନ୍ଧନ ବୋଲି ମନେ କରୁଅଛନ୍ତି । ଯେଉଁ ପରଦାକୁ ସେମାନେ ସ୍ୱୟଂ ସ୍ୱେଚ୍ଛାରେ ସ୍ୱୀକାର କରିଥିଲେ, ଆଜି ତାହା ସେମାନଙ୍କ ଉପରେ ବଳପୂର୍ବକ ଲଦି ଦିଆହୋଇ ସ୍ୱତନ୍ତ୍ରତା ଅପହରଣ କରାହୋଇଛି ବୋଲି ସେମାନେ ଅଭିଯୋଗ କରୁଛନ୍ତି । ସେମାନଙ୍କ ପୂର୍ବ ଶାଶ୍ୱତ କୀର୍ତ୍ତିସ୍ୱରୂପ ପାତିବ୍ରତ୍ୟ ଧର୍ମ ଦିବ୍ୟରତ୍ନକୁ ଭୁଲି ପାଶ୍ଚାତ୍ୟ ସଭ୍ୟତାର ଚାକଚକ୍ୟକୁ ପ୍ରାପ୍ତ କରିବାରେ ନିଜର ସୌଭାଗ୍ୟ ମନେ କରୁଛନ୍ତି । ମା'ମାନଙ୍କର ଯଦି ଏହି ଭ୍ରମାତ୍ମକ ଅଦୂରଦର୍ଶୀ ମନୋଭାବ ଦୂର ନ ହୁଏ ତେବେ ସଂସାର ଉନ୍ନତ ହେବାରେ ବିଳମ୍ବ ହେବ । କାରଣ ସନ୍ତାନ ଉତ୍ପତ୍ତି ହେବ ମା'ଠାରୁ । ସେ ଯଦି ସଚ୍ଚରିତ୍ରା, ଦିବ୍ୟଗୁଣସମ୍ପନ୍ନା, ଶୁଭଭାବାପନ୍ନା ନ ହୁଏ, ତେବେ ସନ୍ତାନ ମଧ୍ୟରେ ଦିବ୍ୟଗୁଣ ଆସିବ ନାହିଁ । ବ୍ୟକ୍ତିର ଦିବ୍ୟଗୁଣ ନ ହେଲେ ସଂସାରର ଉନ୍ନତି ସମ୍ଭବ ହେବ ନାହିଁ ।

ପ୍ରଶ୍ନ : କ'ଣ ମା'ମାନଙ୍କୁ ଦିବ୍ୟଗୁଣସମ୍ପନ୍ନା ହେବାକୁ ହେଲେ ସେହି ଅତୀତ ପରଦା ନିୟମକୁ ଫେରିବାକୁ ହେବ ? ଲେଖାପଢ଼ା ଛାଡ଼ି ଗୃହକାର୍ଯ୍ୟ ଦକ୍ଷତା ସହ ସମ୍ପନ୍ନ କରିବାକୁ ହେବ ବା ଅନ୍ୟ କୌଣସି ଉପାୟ ଅଛି ?

ଉତ୍ତର : ବର୍ତ୍ତମାନ ଉପାୟ ହେଲା ଭବିଷ୍ୟତ ଯୁଗଧର୍ମ ଅଧ୍ୟାତ୍ମ ସତ୍ୟକୁ ମା'ମାନେ ଗ୍ରହଣ କଲେ ପୂର୍ବାପେକ୍ଷା ଉତ୍କୃଷ୍ଟ ଦିବ୍ୟଗୁଣ ଗ୍ରହଣ କରିପାରିବେ, ଅତୀତକୁ ଫେରିଯିବେ ନାହିଁ । ଅତୀତକୁ ଫେରିଯିବା ଏକେବାରେ ଅସମ୍ଭବ ଏବଂ କ୍ରମବିକାଶ ନିୟମର ପୂର୍ଣ୍ଣ ବିରୋଧ ଯେପରିକି ଆଜି ବାୟୁଯାନ ଯୁଗରେ ବଳଦଗାଡ଼ିର ସ୍ଥାନ ।

ସଂସାରର ପତନ ଓ ମହିଳାମାନଙ୍କର ଯେଉଁ ସ୍ୱେଚ୍ଛାଚାରିତା ଆମ୍ଭେମାନେ ଦେଖୁଥାଇଁ, ତାହାର କାରଣ ହେଉଛି ପୁରାତନ ଯୁଗର ଶେଷ ଓ ନୂତନ ଯୁଗର ଆଗମନ । ଏହି ସନ୍ଧିକ୍ଷଣରେ ସମସ୍ତ ବିଶୃଙ୍ଖଳା ହୁଏ । ଯେପରିକି ଗୋଟିଏ

ସୁନ୍ଦର ଭବନ ତିଆରି କରିବାକୁ ହେଲେ ପୁରାତନ ଅଟ୍ଟାଳିକାକୁ ଭାଙ୍ଗି ଧରାଶାୟୀ କରି ତାହାରି ଉପରେ ସୁନ୍ଦର ଭବନ ତିଆରି କରାହୁଏ, ସେହି ଅବସ୍ଥା ଆଜି ସଂସାରରେ ।

ନୂତନ ଯୁଗର ତିଆରି ପାଇଁ ଯେଉଁ ଅତିମାନସ ଶକ୍ତି ଏହି ଧରାତଳକୁ ଆସିଛି, ତାହାରି କାର୍ଯ୍ୟରେ ପୁରୁଷଙ୍କୁ ଯେପରି ଅଂଶଗ୍ରହଣ କରିବାକୁ ହେବ, ସେହିପରି ମା'ମାନଙ୍କୁ ମଧ୍ୟ ଅଂଶଗ୍ରହଣ କରିବାକୁ ହେବ । ସ୍ୱେଚ୍ଛାରେ ଗ୍ରହଣ ନ କଲେ, ନାନା ପ୍ରକାର ଦୁଃଖକଷ୍ଟର ସମ୍ମୁଖୀନ ହୋଇ ଶେଷରେ ଅତିମାନସ ଶକ୍ତିର ଚାପରେ ବାଧ୍ୟ ହୋଇ ଗ୍ରହଣ କରିବାକୁ ହେବ । ବୁଦ୍ଧିମାନର କାର୍ଯ୍ୟ ହେବ ବାଧ୍ୟ ହେବା ପର୍ଯ୍ୟନ୍ତ ଅପେକ୍ଷା ନ କରି ସ୍ୱେଚ୍ଛାରେ ପ୍ରଥମରୁ ଗ୍ରହଣ କରିନେବା, ଯାହାଫଳରେ ସନ୍ଧି କାଳର ସମୟ କମ୍ ହୋଇଯିବ । ପୁରାତନ ଯୁଗରେ ଯେଉଁସବୁ ପରିବର୍ତ୍ତନ ସକାଶେ ବୁଦ୍ଧ, ଶଙ୍କର, ରାମାନୁଜ, ରାମାନନ୍ଦ, ଚୈତନ୍ୟ, ରାମକୃଷ୍ଣ, ବିବେକାନନ୍ଦ ଆଦି ମହାପୁରୁଷ ଏବଂ ଅବତାରମାନେ ଆସିଥିଲେ ସେମାନେ ନିଜ କର୍ମର ଆଦର୍ଶ ରଖି କିଛି ଅଂଶରେ ଧର୍ମର ପରିବର୍ତ୍ତନ କରିଥିଲେ । ତାହା ସାମାନ୍ୟ ପରିବର୍ତ୍ତନ ଥିଲା । ସେତେବେଳେ ବର୍ତ୍ତମାନ ସଦୃଶ ପୂର୍ଣ୍ଣ ପରିବର୍ତ୍ତନର ସମୟ ଆସି ନ ଥିଲା । ସେଥିପାଇଁ ମା'ମାନଙ୍କୁ ଅଧିକ କିଛି ସେହି କାର୍ଯ୍ୟରେ ଅଂଶ ଗ୍ରହଣ କରିବାକୁ ଆବଶ୍ୟକ ହୋଇ ନ ଥିଲା । ବର୍ତ୍ତମାନ କଳି ପରେ ସତ୍ୟଯୁଗର ଆଗମନର ସମୟ । ଏଥିରେ ମା'ମାନଙ୍କୁ ବିଶେଷରୂପେ ଅଂଶଗ୍ରହଣ କରିବାକୁ ହେବ । କାରଣ ପୃଥିବୀରେ ମଣିଷଠାରୁ ଗୋଟିଏ ଶ୍ରେଷ୍ଠ ଜାତି ସ୍ଥାପନା କରାହେବ । ସେହି ସକାଶେ ପୁରୁଷଙ୍କ ପ୍ରତିନିଧିରୂପେ ଶ୍ରୀଅରବିନ୍ଦ ଓ ସ୍ତ୍ରୀମାନଙ୍କ ପ୍ରତିନିଧିରୂପେ ଶ୍ରୀମା ଏହି ପୃଥିବୀକୁ ଆସି କର୍ମ କରୁଛନ୍ତି ଏବଂ ସଂସାର ସମ୍ମୁଖରେ ଆଦର୍ଶରୂପେ ଆଶ୍ରମ ନିର୍ମାଣ କରି ସ୍ତ୍ରୀପୁରୁଷଙ୍କୁ ସମାନ ଜୀବନ-ଧର୍ମର ଦୀକ୍ଷା ଦେଇଛନ୍ତି । ସଂସାରର ଅର୍ଦ୍ଧଶକ୍ତି ହେଉଛି ନାରୀ । ନୂତନ ଯୁଗ ସକାଶେ ନାରୀଙ୍କ ଅଂଶଗ୍ରହଣ ବିନା ନୂତନ ଯୁଗ ପୂର୍ଣ୍ଣ ହୋଇପାରିବ ନାହିଁ । ସେହି ସକାଶେ ନାରୀଙ୍କର ପୂର୍ଣ୍ଣ ସ୍ୱତନ୍ତ୍ରତା ହେବା ଆବଶ୍ୟକ । ମହିଳାମାନେ ଅତିମାନସ ସତ୍ୟ ଆଶ୍ରୟରେ କିପରି ଉଜ୍ଜ୍ୱଳ ଚରିତ୍ର ରଖି ଭବିଷ୍ୟତ ଯୁଗର ନିର୍ମାତା ହୋଇପାରିବେ ତାହାର ଉଦାହରଣ ଦେବାକୁ ଆଶ୍ରମର ପ୍ରୟାସ ।

କେତେକ ଲୋକ ଆଶ୍ରମ ପରିଦର୍ଶନ କରିବାକୁ ଆସି ବ୍ୟାୟାମସ୍ଥଳରେ ସ୍ୱଚ୍ଛନ୍ଦରେ ଝିଅମାନଙ୍କୁ ବ୍ୟାୟାମ କରିବାର ଦେଖି ବିସ୍ମିତ ଭାବେ ପ୍ରଶ୍ନ କରନ୍ତି ।

ପ୍ରଶ୍ନ : ଅଗ୍ନି ଓ କୁଟା ଏକ ସଙ୍ଗେ ରହି ଜଳି ନ ଯିବ କିପରି ? ଏଠାରେ ଝିଅପିଲା ଏତେ ସ୍ୱତନ୍ତ୍ରରେ ରହୁଛନ୍ତି କିପରି ? ଆମ୍ଭେମାନେ କେତେକ ସଂସ୍ଥାରେ କେତେ ପ୍ରକାର ବ୍ୟବସ୍ଥା କରୁଛୁ, ତାହା ସଫଳ ହେଉ ନାହିଁ । ଆଶ୍ରମ ବାହାର ଜଗତରେ ସ୍ୱତନ୍ତ୍ରତାର କୁପରିଣାମ ବରାବର ଦୃଷ୍ଟିଗୋଚର ହେଉଅଛି । ଏଠାରେ ଏହା ସମ୍ଭବ ହେଉଛି କିପରି ? ପିଲାମାନଙ୍କ ଚେହେରା ସେମାନଙ୍କର ପବିତ୍ରତା ପ୍ରମାଣ କରି ଦେଉଅଛି । ଏହାର କାରଣ କ'ଣ ?

ଉତ୍ତର : ଏଠାରେ ପବିତ୍ରତାରେ ରହିବାର କାରଣ ହେଲା ଅତିମାନସ ଶକ୍ତିର ପ୍ରଭାବ । ଏପର୍ଯ୍ୟନ୍ତ ଏହି ପୃଥିବୀପୃଷ୍ଠରେ ଅତିମାନସ ଶକ୍ତି ଅବତରଣ କରି ନ ଥିଲା । ସେ ନେଇ ଝିଅପିଲା, ପୁଅପିଲା ଏକ ସଙ୍ଗେ ସ୍ୱତନ୍ତ୍ରତାରେ ରହି ପବିତ୍ର ରହିପାରୁ ନ ଥିଲେ । ବର୍ତ୍ତମାନ ନୂତନ ଯୁଗର ପ୍ରସ୍ତୁତି ଲାଗି ଶ୍ରୀମାଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ରୂପାନ୍ତର କାର୍ଯ୍ୟ ଆରମ୍ଭ କରିଛନ୍ତି । ସେଥିପାଇଁ ଅତିମାନସ ଶକ୍ତିର ପ୍ରଭାବରେ ଅଗ୍ନି ଓ କୁଟା ତୁଲ୍ୟ ଝିଅପିଲା ଓ ପୁଅପିଲା ଏକ ସଙ୍ଗରେ ନିବାସ କରି ପବିତ୍ରତାରେ ରହିବା ସମ୍ଭବ ହୋଇଅଛି । ଯେଉଁମାନେ ଏହି ଅଧ୍ୟାତ୍ମ ଶକ୍ତିକୁ ପୂର୍ଣ୍ଣରୂପେ ଗ୍ରହଣ କରିବେ, ସେମାନେ ମଧ୍ୟ ଏହିପରି ପଢ଼ିବା, ଖେଳିବା ସତ୍ତ୍ୱେ ପବିତ୍ର ରହିପାରିବେ ।

ବାହାରେ ଆଶ୍ରମ ଅପେକ୍ଷା କମ୍ ସ୍ୱତନ୍ତ୍ରତା ପାଇ ଝିଅପିଲା, ପୁଅପିଲାମାନେ ପବିତ୍ରତାରେ ରହି ନ ପାରିବାର କାରଣ ହେଉଛି ପୂର୍ବେ ନାରୀମାନେ ପରଦାରେ ଥିଲେ, ନୈତିକ ଧର୍ମ ପ୍ରତି ଭୟ ଏବଂ ଶ୍ରଦ୍ଧା ଥିଲା । ଯୁଗ-ପ୍ରଭାବରୁ ଏହା ନଷ୍ଟ ହୋଇଅଛି । ଆଉ ଏହାଠାରୁ ଅତ୍ୟନ୍ତ ଉତ୍କୃଷ୍ଟ ଅଧ୍ୟାତ୍ମ ଅତିମାନସ ସତ୍ୟ ପୃଥିବୀରେ ପ୍ରସାର ହୋଇ ନାହିଁ । ପୁରାତନ ପରଦା ଆଉ ନୈତିକ ଧର୍ମଭାବ ଫେରିଆସିବ ନାହିଁ । ଯେଉଁ ଅଟ୍ଟାଳିକାର ନିଅଁ ଭୁଶୁଡ଼ି ପଡ଼ିଲାଣି ତାକୁ ବାଉଁଶଠେଲା ଦେଇ ରଖିହେବ ନାହିଁ, ବରଂ ପରଦାର ବିନାଶ ଆଉ ଉଚ୍ଛୃଙ୍ଖଳା କ୍ରମଶଃ ବଢ଼ିବ । ଏହାକୁ କୌଣସି

ପୁରାତନ ନୀତି ଆଉ ଧର୍ମ ଆୟତ୍ତ କରିପାରିବ ନାହିଁ । ଏହାର ଏକମାତ୍ର ପ୍ରତିକାର ହେଉଛି ନୂତନ ଯୁଗର ଯେଉଁ ସତ୍ୟ ପ୍ରସ୍ଥାପିତ ହେବାକୁ ଯାଉଛି, ତାକୁ ଗ୍ରହଣ କରିବା । ପିତାମାତାଙ୍କର ନିଜ କନ୍ୟାମାନଙ୍କ ପ୍ରତି, ଭାଇମାନଙ୍କର ନିଜ ଭଉଣୀମାନଙ୍କ ପ୍ରତି, ସ୍ୱାମୀମାନଙ୍କର ନିଜ ସ୍ତ୍ରୀମାନଙ୍କ ପ୍ରତି ଏକମାତ୍ର କର୍ତ୍ତବ୍ୟ ହେଉଛି ଅଧ୍ୟାତ୍ମ ସତ୍ୟ ଗ୍ରହଣ କରିବାରେ ସେମାନଙ୍କୁ ଉତ୍ସାହିତ କରିବା ଏବଂ କନ୍ୟାର ହିତ, ଭଉଣୀର ହିତ, ନିଜର ହିତ, ଆଉ ସଂସାରର ହିତ ସକାଶେ ନିଜେ ଅଧ୍ୟାତ୍ମ ସତ୍ୟକୁ ଗ୍ରହଣ କରିବା । ସ୍ତ୍ରୀପୁରୁଷ ଉଭୟେ ଅଧ୍ୟାତ୍ମ ସତ୍ୟକୁ ଗ୍ରହଣ କଲେ ଘରେ କଳିକଜିଆ ହେବ ନାହିଁ, ପୃଥକ୍ ହେବାକୁ ପଡ଼ିବ ନାହିଁ, ପରସ୍ପର କଳିରେ ହୃଦୟ ଜଳିବ ନାହିଁ, ଅଧ୍ୟାତ୍ମଭାବାପନ୍ନ ହେଲେ ବାଳକବାଳିକାମାନେ ଘରେ ଦିବ୍ୟ ବାତାବରଣରେ ପାଳିତ ପୋଷିତ ହେବେ । ସେମାନଙ୍କ ସ୍ୱଭାବ ସତ୍ୟରେ ପ୍ରତିଷ୍ଠିତ ହେବ । ସେମାନେ ବଡ଼ ହୋଇ ସଂସାରର କାର୍ଯ୍ୟ କଲେ ସେମାନଙ୍କ ଦ୍ୱାରା ଚୋରି, ଲାଞ୍ଚ, ଧପ୍‌ପାବାଜି, ଠକାମି ଆଦି ମିଥ୍ୟାଚାର ହେବ ନାହିଁ । ଏହିସବୁ ଦୁର୍ଗୁଣ ଅଭାବରେ ବ୍ୟକ୍ତି ସତ୍ୟ, ଶାନ୍ତି, ଦୟା, କ୍ଷମା, ଆନନ୍ଦ, ପ୍ରେମ, ଭକ୍ତି ଇତ୍ୟାଦି ଦିବ୍ୟ ଗୁଣରେ ଭୂଷିତ ହେବ । ମଣିଷ ବର୍ତ୍ତମାନ ଯେତେ ସମୟରେ ଯାହା ପଢୁଛି, ଯେତେ ସମୟରେ ଯେଉଁ କର୍ମ କରିପାରୁଛି, ଯେତେ ସମୟରେ ଯେଉଁ ସମସ୍ୟାର ସମାଧାନ କରିପାରୁଛି, ସେସବୁକୁ ତାହାର ଏକ ଦଶାଂଶ ସମୟରେ ପୂର୍ବଠାରୁ ଉତ୍ତମରୂପେ କରିପାରିବ । ଏହାଦ୍ୱାରା ଘର, ଦେଶ ସମ୍ପଦରେ ପୂର୍ଣ୍ଣ ରହିବ । ଅର୍ଥାତ୍ ବ୍ୟକ୍ତି ଅଧ୍ୟାତ୍ମ ସତ୍ୟରେ ବାସ କରି ସମୃଦ୍ଧିଲାଭ କରିବ । ଜୀବନ ସଙ୍ଗେ ଅଧ୍ୟାତ୍ମ ସତ୍ୟର ସମ୍ମିଶ୍ରଣ ହେଲେ ସଂସାର ସ୍ୱର୍ଗରେ ପରିଣତ ହେବ । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତ୍ୟେକ ମନୁଷ୍ୟ ସକାଶେ । ଶ୍ରୀଅରବିନ୍ଦଙ୍କ ଯୋଗର ସାଧନା ହେଲା ସମର୍ପଣ, ଅଭୀପ୍‌ସା ଏବଂ ପ୍ରତିକୂଳ ଗତିବୃତ୍ତି ତଥା ପ୍ରତିକୂଳ ବିଚାରର ତ୍ୟାଗ । ଚିତ୍ତର ଏକାଗ୍ରତା ସକାଶେ ଧ୍ୟାନ ଆବଶ୍ୟକ । ଏଠାରେ ଧ୍ୟାନର ପ୍ରଣାଳୀ ଆଲୋଚନା କରିବା ।

## ଧ୍ୟାନ

ଚିତ୍ତ ଏକାଗ୍ର କରିବା ସକାଶେ ହୃଦୟରେ ଅଥବା ମସ୍ତକ କିଂବା ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରାହୁଏ । ଶ୍ରୀମାଶ୍ରୀଅରବିନ୍ଦଙ୍କ ଫଟୋକୁ ଧ୍ୟାନ କରାଯାଇପାରେ । ସମର୍ପଣ ସକାଶେ ଅଭୀପ୍‌ସାରେ ଚେତନାକୁ ଏକାଗ୍ର କରାଯାଇପାରେ । ଅଥବା ଊର୍ଦ୍ଧ୍ୱସ୍ଥ ଭାଗବତୀ ଶକ୍ତିକୁ ଶାନ୍ତି, ଜ୍ୟୋତିଃ, ଶକ୍ତିରୂପେ ଅବତରଣ କରିବା ସକାଶେ ପ୍ରତୀକ୍ଷା କରାଯାଇପାରେ । ଏହି ଧ୍ୟାନର ସାଧନା ''ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'' ବହିରେ ଆଲୋଚନା କରାଯାଇଛି । ଏହି ଧ୍ୟାନ ଆଉ ଅଭୀପ୍‌ସା ଯେଉଁମାନେ କରିପାରନ୍ତି ଭଲ, ଯେଉଁମାନେ ନ କରିପାରନ୍ତି ସେମାନଙ୍କ ସକାଶେ ଆଉ ଗୋଟିଏ ଅତ୍ୟନ୍ତ ସରଳ, ପ୍ରତ୍ୟେକ ବ୍ୟକ୍ତି କରିବାର ଯୋଗ୍ୟ ସାଧନା ଅଛି । ତା'ହେଲା ମା'ଙ୍କ ଉପରେ ଶ୍ରଦ୍ଧା ବିଶ୍ୱାସ ରଖି 'ମା' ଏହି ନାମ ନିରନ୍ତର ଜପପୂର୍ବକ ସମସ୍ତ କର୍ମ ମା'ଙ୍କୁ ସମର୍ପଣ କରିବା ।

## ଶ୍ରୀଅରବିନ୍ଦଙ୍କ ଯୋଗର ସାଧନା

ଶ୍ରୀଅରବିନ୍ଦଙ୍କ ଯୋଗର ସାଧନା-ପ୍ରଣାଳୀ ଦୁଇପ୍ରକାର । ଗୋଟିଏ ଧ୍ୟାନ, ଅଭୀପ୍‌ସା, ସମର୍ପଣ ଏବଂ ତ୍ୟାଗ । ଅନ୍ୟଟି ବହୁତ ସହଜ ଓ ସରଳ । ସ୍ତ୍ରୀ, ପୁରୁଷ, ଶିଶୁ, ମୂର୍ଖ, ପଣ୍ଡିତ, ଜ୍ଞାନୀ, ଅଜ୍ଞାନୀ ସମସ୍ତେ ତାହା କରିପାରିବେ । ଏହା ବହୁତ ସରଳ ହେବା ସତ୍ତ୍ୱେ ମହତ୍ତ୍ୱରେ ମହାନ୍ । ମହତ୍ତ୍ୱ ପଦ୍ଧତି ଉପରେ ନିର୍ଭର କରେ ନାହିଁ, ନିର୍ଭର କରେ ସରଳତା, ବିଶ୍ୱାସ ଏବଂ ନିଷ୍ଠା ଉପରେ । କରମାବାଈଙ୍କ ନିଷ୍କପଟ ଶ୍ରଦ୍ଧା-ଭକ୍ତିବଶ ହୋଇ ଶ୍ରୀଜଗନ୍ନାଥ ତାଙ୍କ ଖେଚେଡ଼ି ଖାଇଥିଲେ । ସେହି ସରଳ ମାର୍ଗଟି ଏହିଠାରେ ଆଲୋଚନା କରିବା ।

# ସରଳ ମାର୍ଗ

ଘରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖ । ପ୍ରତିଦିନ ସଫା ରୁମାଲ୍‌ରେ ଫଟୋ ପରିଷ୍କାର କର ଓ ପୁଷ୍ପ ଅର୍ପଣ କର । ସକାଳେ ଓ ସଂଧ୍ୟାରେ ପ୍ରଣାମ କର । ଘରର ମାଲିକ ରୂପେ ତାଙ୍କୁ ମାନିନିଅ । ଘର, ପରିବାର, ସମ୍ପତ୍ତି, ଗୋରୁଗାଈ ସବୁ ତାଙ୍କରି, ଆମ୍ଭେମାନେ ତାଙ୍କରି ସେବକ । ଆମ୍ଭେ ଯେଉଁ କାର୍ଯ୍ୟ କରୁଛୁ ସେହି କାର୍ଯ୍ୟରେ ଆମ୍ଭଙ୍କୁ ନିଯୁକ୍ତ କରାହୋଇଛି । ସମସ୍ତ କାର୍ଯ୍ୟ ତାଙ୍କରି ସେବା । ରୋଷେଇ କରିବା, ବାସନ ମାଜିବା, ଘର ଲିପିବା, ଲୁଗା ଧୋଇବା – ସମସ୍ତ କାର୍ଯ୍ୟ ତାଙ୍କର; କାରଣ ସେ ଘରର ମାଲିକ । ପିଲାଙ୍କୁ ସ୍ନାନ କରାଇଦେବା, ଭୋଜନ କରାଇଦେବା, ଗାଈଗୋରୁଙ୍କ କାର୍ଯ୍ୟ କରିବା, ବାଡ଼ିରେ କାର୍ଯ୍ୟ କରିବା, କୃଷି କରିବା, ବାଣିଜ୍ୟ କରିବା, ଦେଶସେବା ଇତ୍ୟାଦି ସମସ୍ତ କାର୍ଯ୍ୟ ତାଙ୍କରି । କାରଣ ପ୍ରକୃତରେ ସେ ଘରର ମାଲିକ । ଆମ୍ଭେମାନେ ଘରର ଯେଉଁସବୁ କାର୍ଯ୍ୟ କରୁ, ଚାକର ମଧ୍ୟ ସେହି ସମସ୍ତ କାର୍ଯ୍ୟ କରେ । କାର୍ଯ୍ୟର କୌଣସି ପ୍ରଭେଦ ନ ଥାଏ, ଏକହିଁ କର୍ମ । କିନ୍ତୁ ଆମ୍ଭେମାନେ କରୁ ନିଜ ସକାଶେ, ପରିବାର ସକାଶେ, ଚାକର କରେ ତା'ର ବେତନ ସକାଶେ । ସେହିପରି ଯଦି ଆମ୍ଭେମାନେ ଘରର ମାଲିକ ରୂପେ ମା'ଙ୍କୁ ମାନିନେବା ତେବେ ପରିବାର ସକାଶେ କରୁଥିବା ସମସ୍ତ କାର୍ଯ୍ୟ ହେବ ତାଙ୍କରି ସକାଶେ । ମନୁଷ୍ୟ ଯେଉଁ ପରିବାର, ଘର, ସମ୍ପତ୍ତିକୁ ନିଜର କହେ, ପ୍ରକୃତରେ ତାହା ତା'ର ନୁହେଁ, ସମସ୍ତ ଭଗବାନଙ୍କର । ଆଗରୁ ଭଗବାନଙ୍କର ଥିଲା, ବର୍ତ୍ତମାନ ଅଛି, ଭବିଷ୍ୟତରେ ରହିବ । ମନୁଷ୍ୟ କେବଳ ମୋହଗ୍ରସ୍ତ ହୋଇ ସବୁ କହେ 'ମୋର' । ବିବାହ ପରେ କନ୍ୟା ପତିଗୃହକୁ ଚାଲିଯାଏ । ପିତାଗୃହର ସମ୍ପତ୍ତିରେ ତା'ର ସମ୍ପର୍କ ରହେ ନାହିଁ । ପିତୃଗୃହରେ ଯାହାସବୁ ନିଜର ଥାଏ ତାହାସବୁ ପରର ହୋଇଯାଏ । ପତିଗୃହରେ ଯାହାସବୁ ପରର ଥାଏ ତାହାସବୁ ନିଜର ହୋଇଯାଏ । ଯଥାର୍ଥରେ ବସ୍ତୁ ନିଜର ନୁହେଁ, ଭଗବାନଙ୍କର । ମରିଯିବା ପରେ ଘର, ପରିବାର, ଧନ ସମ୍ପତ୍ତି, ବନ୍ଧୁବାନ୍ଧବଙ୍କ ସଙ୍ଗେ କୌଣସି ସମ୍ପର୍କ ରହେ ନାହିଁ । ଭଗବାନଙ୍କ ସଙ୍ଗେ ଆତ୍ମାର ବରାବର ନିତ୍ୟ ସମ୍ବନ୍ଧ । ଆତ୍ମା, ମନ, ପ୍ରାଣ, ଶରୀର, ସଂସାର, ଧନ ସମସ୍ତ ଭଗବାନଙ୍କର । ଭଗବାନଙ୍କ ବସ୍ତୁକୁ ବ୍ୟକ୍ତି ମୋହବଶ ହୋଇ ନିଜର ବୋଲି କହେ । ସେହି ସକାଶେ ଜନ୍ମମରଣର ଦଣ୍ଡ ପାଉଥାଏ । ଭଗବାନଙ୍କ ବସ୍ତୁ ଭଗବାନଙ୍କର ମାନିନେଲେ ଅର୍ଥାତ୍ ମା'ଙ୍କର ବୋଲି ମାନିନେଲେ ମା' ସ୍ୱୀକାର କରିନିଅନ୍ତି ଏବଂ ଘରର ତଥା ନିଜର ଦାୟିତ୍ୱ ସେ ଗ୍ରହଣ କରି ଆମ୍ଭମାନଙ୍କୁ ସମସ୍ତ ବାଧାବିପତ୍ତିରୁ ରକ୍ଷା କରି ଯଥାର୍ଥ ମାର୍ଗରେ ପରିଚାଳିତ କରନ୍ତି ଏବଂ ଛାୟାସଦୃଶ ସଙ୍ଗେ ସଙ୍ଗେ ରହିଥାଆନ୍ତି ।

''ଶ୍ରୀଅରବିନ୍ଦଃ ଶରଣଂ ମମ, ଶ୍ରୀମାତା ଶରଣଂ ମମ'', ଅଥବା କେବଳ 'ମା' ଏହି ନାମ କାର୍ଯ୍ୟ କରିବା ସମୟରେ, ଭୋଜନ ସମୟରେ, ଚାଲିବା ସମୟରେ, ସବୁ ସମୟରେ ଜପ କରିବେ । ଶୋଇବା ସମୟରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋକୁ ସ୍ମରଣ କରି ପ୍ରାର୍ଥନା କରିବେ – ''ମୁଁ, ମୋର ଯାହାକିଛି, ଘର, ପରିବାର, ସମସ୍ତ ତୁମର; ମୁଁ ତୁମର ସେବକ, ସମସ୍ତ କାର୍ଯ୍ୟ ତୁମରି ସେବା, ଏହି ଭାବ ମୋର ଦୃଢ଼ ହେଉ, ତୁମ ପ୍ରତି ପ୍ରେମ, ଶ୍ରଦ୍ଧା ଭକ୍ତି ହେଉ, ତୁମ ନାମ ନିରନ୍ତର ଜପ କରିପାରେ – ଏହି କୃପା କର ।'' ନାମ ସ୍ମରଣ କରି ଶୋଇଯିବେ । ଉଠିବା ସଙ୍ଗେ ସଙ୍ଗେ ଏହିପରି ପ୍ରାର୍ଥନା କରିବେ ଏବଂ ନାମଜପ ସହିତ କିଛି ସମୟ ଧ୍ୟାନ କରିବେ । ଯାହା ଭୋଜନ କରିବେ ତାହା ମା'ଙ୍କୁ ସମର୍ପଣ କରି କରିବେ । ସ୍ନାନ କରିବା ପରେ ଫଟୋ ସାମନାରେ ପାଞ୍ଚ, ଦଶ, ପନ୍ଦର ମିନିଟ ବସି ସେଥିରେ ମନ ଏକାଗ୍ର କରିବାକୁ ଚେଷ୍ଟା କରିବେ । ଯଦି ମନ ସେଥିରେ ଏକାଗ୍ର ହୁଏ ତେବେ ଆଖି ବନ୍ଦ କରି ହୃଦୟ ଭିତରେ ସେହି ଫଟୋର ସ୍ମୃତିକୁ ଧ୍ୟାନ କରିବେ । ଯେଉଁମାନେ ଧ୍ୟାନ କରି ନ ପାରନ୍ତି, ସେମାନେ ନାମଜପ ସହିତ ମା'ଙ୍କ ସେବାରୂପେ ଘରକାର୍ଯ୍ୟ କରିପାରିବେ । ଯାହା ସକାଶେ ଯାହା ସରଳ ହେବ; ଯାହା ସେ କରିପାରିବେ, ସେଥିରେହିଁ ସେ ଆରମ୍ଭ କରିବେ । କୌଣସି ଗୋଟିଏ ଭାବନା ଦ୍ୱାରା ଆରମ୍ଭ କଲେ, ସେହି ପ୍ରାରମ୍ଭିକ ଭାବ ସ୍ୱୟଂ ନିଜ ମାର୍ଗ ତିଆରି କରିଦେବ । ଯେପରି ବହୁତ ବଡ଼ ମଜଭୁତ ବନ୍ଧରେ ଛୋଟ ଛିଦ୍ରଟିଏ ହେଲେ ଜଳ ସ୍ୱୟଂ ଛିଦ୍ରଟିକୁ ବଡ଼ କରି ବନ୍ଧକୁ ଭାଙ୍ଗିଦିଏ, ସେହିପରି ଅଧ୍ୟାତ୍ମ ମାର୍ଗ । ଭାଗବତ ଶକ୍ତିକୁ ପ୍ରବେଶ କରିବାକୁ ଟିକିଏ ରାସ୍ତା ମିଳିଗଲେ ସେ ନିଜେ ନିଜେ ନିଜ ରାସ୍ତାକୁ

ବିସ୍ତାର କରିଦେବ । ତୁମେ ଅଧ୍ୟାତ୍ମ ମାର୍ଗରେ ଅଗ୍ରସର ହେବା ଅନୁପାତରେ ତୁମର କାର୍ଯ୍ୟ କରିବା ଶକ୍ତି, କର୍ମର କୌଶଳ ବିକାଶ ହେବ ଏବଂ ଅଧ୍ୟାତ୍ମ ଉନ୍ନତି ସଙ୍ଗେ ସଙ୍ଗେ ସଂସାର-କର୍ମର ବି ଉନ୍ନତି ହେବ । ସେତେବେଳେ ସମସ୍ତ କାର୍ଯ୍ୟରେ ସାହାଯ୍ୟ କରିବେ, ପ୍ରେରଣା ଦେବେ ମାତୃଶକ୍ତି ।

ଏହିପରି ଆଚରଣ ସନ୍ତାନମାନେ ଦେଖିବେ, ଶିଖିବେ ଏବଂ କରିବେ । ଉପରି ଲିଖିତ ସାଧନା ଓ ଭାବ ମଧ୍ୟରୁ ଯାହାକୁ ଯାହା ସୁଗମ ହେବ ତାହା ସେ ଆରମ୍ଭ କରିପାରନ୍ତି । ଯାହାକୁ ଯାହା ସରଳ ହେବ, ତା' ସକାଶେ ସେ ହେବ ଶ୍ରେଷ୍ଠ ସାଧନା । ସେହି ପ୍ରାରମ୍ଭିକ ସାଧାରଣ ସାଧନା ବିଶାଳତାରେ ପରିଣତ ହେବ, ଆଉ ଭଗବାନଙ୍କ ପାଖରେ ପହଞ୍ଚାଇଦେବ ।

''ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ।'' ॥ ଗୀତା ॥

ଅର୍ଥାତ୍ ''ସ୍ୱଳ୍ପ ଏହି ଧର୍ମ ଜନ୍ମ-ମୃତ୍ୟୁରୂପକ ମହତ୍ ଭୟରୁ ତ୍ରାଣ କରିବ ।'' ଏହାଦ୍ୱାରା ଗୃହର ବାତାବରଣ ଶୁଦ୍ଧ ହେବ : କିନ୍ତୁ ଏହା ସଙ୍ଗେ ସଙ୍ଗେ ଗ୍ରାମର ବାତାବରଣ ଶୁଦ୍ଧ ହେଲେ ତାହାଦ୍ୱାରା ବ୍ୟକ୍ତିକୁ ବହୁତ ସାହାଯ୍ୟ ମିଳିପାରିବ ।

## ଶ୍ରୀଅରବିନ୍ଦ କେନ୍ଦ୍ର

ଗ୍ରାମ ବାତାବରଣ ଶୁଦ୍ଧିର ଆବଶ୍ୟକତା ହୁଏ ନିଜର ତଥା ଅନ୍ୟ ବ୍ୟକ୍ତିଙ୍କର ଲାଭ ସକାଶେ । ଗୋଟିଏ ଗୋଟିଏ ଶ୍ରୀଅରବିନ୍ଦ କେନ୍ଦ୍ର ଏବଂ ମହିଳା କେନ୍ଦ୍ର ପ୍ରତିଗ୍ରାମରେ ସ୍ଥାପିତ ହେବା ଉଚିତ । ଯେଉଁମାନେ ସାଧନା କରିବାକୁ ଚାହାନ୍ତି, ସେମାନେ ଗ୍ରାମର କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ଦ୍ଦିଷ୍ଟ ଦିନରେ ସପ୍ତାହରେ ଦୁଇ ଦିନ କିଂବା ଦିନେ ସମସ୍ତେ ଏକତ୍ରିତ ହେବେ, ସେମାନଙ୍କ ମଧ୍ୟରୁ ଯେ ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନ ସମ୍ବନ୍ଧେ କିଛି ଜାଣିଥିବେ ସେ ଶ୍ରୀମାଶ୍ରୀଅରବିନ୍ଦଙ୍କ ବହି ବା ପତ୍ରପତ୍ରିକା, ଲୋକ-ସାହିତ୍ୟ ପ୍ରାୟ ଏକ ଘଣ୍ଟା ପଢ଼ିବେ । କିଛି ସମୟ ସମସ୍ତେ ଶ୍ରୀଅରବିନ୍ଦ ଶ୍ରୀମା'ଙ୍କ ଫଟୋକୁ ଧ୍ୟାନ କରିବେ । ସେଠାରେ କେହି ଘରର ବା ପଡ଼ୋଶୀ ଘରର ଗପ କରିବେ ନାହିଁ । ସେଠାରେ ଯେତେ ସମୟ ରହିବେ, ମୌନ ରହିବେ ଅଥବା ବହି ପଢ଼ିବେ । ଆଧ୍ୟାତ୍ମିକତା ସମ୍ବନ୍ଧୀୟ କିଛି ପ୍ରଶ୍ନ ପଚାରି ପାରିବେ । ସେ ସ୍ଥାନରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରହିବା ଦରକାର । ଏହିରୂପେ ଗ୍ରାମେ ଗ୍ରାମେ ଯେତେ ଆଧ୍ୟାତ୍ମିକତା ପ୍ରସାର ହେବ ସେତେ ଅଧିକ ପରିମାଣରେ ବାତାବରଣ ଶୁଦ୍ଧ ହେବ । ମଣିଷର କଳୁଷିତ ଭାବ ଦୂର ହେବ । ପାଠଚକ୍ରର ପ୍ରତ୍ୟେକ ସଭ୍ୟ ସବୁସମୟରେ 'ମା' ଏହି ନାମ ସ୍ମରଣ କରିବା ଉଚିତ ।

ଜଗତରେ ଅନ୍ନ, ବସ୍ତ୍ର, ଔଷଧ ଦାନ, ରାସ୍ତାଘାଟ ନିର୍ମାଣ ଆଦି ଯେତେ ପ୍ରକାର ଧର୍ମ ଅଥବା ଲୋକସେବା ଅଛି, ସବୁଠାରୁ ଶ୍ରେଷ୍ଠ ହେଲା ଅଧ୍ୟାତ୍ମ ସାଧନ ଓ ଅଧ୍ୟାତ୍ମ ପ୍ରସାର । ଅନ୍ନ, ବସ୍ତ୍ର, ଔଷଧାଦିରେ ମନୁଷ୍ୟକୁ ଅଳ୍ପ ସମୟ ସୁଖ ପ୍ରାପ୍ତ ହୁଏ, ପରେ ଦୁଃଖ ଆସେ; କିନ୍ତୁ ଅଧ୍ୟାତ୍ମ ସତ୍ୟ ପ୍ରାପ୍ତିରେ ସାଂସାରିକ ସୁଖଠାରୁ ବହୁଗୁଣରେ ଶ୍ରେଷ୍ଠ ଆନନ୍ଦ ପ୍ରାପ୍ତ ହୁଏ । ତାହା ନଷ୍ଟ ନ ହୋଇ ବରାବର ବୃଦ୍ଧିପାଏ ଏବଂ ଜନ୍ମ-ମରଣଜନିତ ଦାରୁଣ ଦୁଃଖରୁ ମୁକ୍ତ କରେ । ସେ-ନେଇ ଅଧ୍ୟାତ୍ମ ସେବା ସବୁଠାରୁ ଉତ୍କୃଷ୍ଟ ।

ଏହା ଏକେବାରେ ସ୍ପଷ୍ଟ ଯେ ସମ୍ପତ୍ତି, ପରିବାର ସବୁ ରହିବ ଏହିଠାରେ । ଯେଉଁମାନେ ଧନ ଉପାର୍ଜନ କରି ରଖିଛନ୍ତି, ସେଥିରୁ ଗୋଟିଏ ପଇସା ସଙ୍ଗରେ ଯିବ ନାହିଁ । ଯିବ କେବଳ ଭଲ ମନ୍ଦ କର୍ମଫଳ । ଏହା ଜାଣି, ଆଜିଠାରୁ ସାବଧାନ ହୋଇ, ଯେଉଁ ଶୁଭ କର୍ମ ସାଙ୍ଗରେ ଯିବ ତାହାକୁ ସଙ୍ଗରେ ନିଅନ୍ତୁ । ମନୁଷ୍ୟର ଏହାହିଁ ବଡ଼ ଭୁଲ୍ ହୁଏ, ଯେଉଁ ଧନ ସମ୍ପଦ ସଙ୍ଗରେ ଯିବ ନାହିଁ ତା' ସକାଶେ ପ୍ରାଣପଣେ ଚେଷ୍ଟା କରେ । ଯାହା ସହାୟକ ତାକୁ ଏକେବାରେ ଭୁଲିଯାଏ । ଭଗବାନ୍ ଚିର ସାଥୀ । ମନୁଷ୍ୟ ଆସିବା ସମୟରେ ଭଗବାନଙ୍କୁ ପ୍ରାପ୍ତ ହେବାକୁ ପ୍ରତିଜ୍ଞା କରି ଆସିଥାଏ । ଏଠାକୁ ଆସି ଭୁଲିଯାଏ । ଧନ ସମ୍ପତ୍ତି ଉପାର୍ଜନ ପାଇଁ କର୍ମ କରେ । କିନ୍ତୁ ମା' ଏହି ନାମ ଜପ ସହିତ ମା'ଙ୍କ ସେବା

ଭାବରେ କର୍ମ କରି ମା'ଙ୍କୁ ସମର୍ପଣ କର । ଏପରି କଲେ ଦକ୍ଷତା ସହିତ ଉତ୍ତମ ରୂପେ କର୍ମ କରି ପାରିବ । ମା'ଙ୍କ ଶକ୍ତି ନିଜ ମଧ୍ୟରେ କାର୍ଯ୍ୟ କଲେ କାର୍ଯ୍ୟରେ ସଫଳତା ପାଇବା ସଙ୍ଗେ ସଙ୍ଗେ (ଭଗବତ୍) ଲକ୍ଷ୍ୟପ୍ରାପ୍ତି ମାର୍ଗରେ ମଧ୍ୟ ଅଗ୍ରସର ହୋଇ ପାରିବେ ।

ପ୍ରଶ୍ନ : କେହି କେହି କହିପାରନ୍ତି ଭଗବାନଙ୍କୁ ପୂଜା ନ କରି ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋକୁ ପୂଜା କରିବାକୁ କାହିଁକି କୁହାଯାଉଛି ?

ଉତ୍ତର : ଭଗବାନ୍ ହେଉଛନ୍ତି ଶାଶ୍ୱତ ସତ୍ୟ, ତାଙ୍କର ନାମରୂପ ଅନନ୍ତ । ତାଙ୍କୁ ଯେଉଁ ନାମରେ, ଯେଉଁ ରୂପରେ ବ୍ୟକ୍ତି ଆରାଧନା କରିବ, ଯଦି ତା'ର ଆରାଧନା ସତ୍ୟ ଓ ଯଥାର୍ଥ ଥାଏ ତେବେ ଭଗବାନଙ୍କୁ ପ୍ରାପ୍ତ କରିବ । ଯେଉଁ ବ୍ୟକ୍ତି ଯେଉଁ ରୂପରେ ଭଗବାନଙ୍କୁ ମାନେ, ସେ ତାଙ୍କୁ ପୂଜା କରିପାରେ, ସେଥିରେ କିଛି ବିରୋଧ ନାହିଁ ।

ଯେତେବେଳେ କୌଣସି ମହାପୁରୁଷ ସଂସାରକୁ ଆସନ୍ତି, ତାଙ୍କ ମଧ୍ୟରେ ଭଗବତ୍ ଶକ୍ତି ପ୍ରକାଶ ହୋଇଥାଏ । ସେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରି ଥାଆନ୍ତି । ତାଙ୍କ ସଙ୍ଗେ ସମ୍ବନ୍ଧ ସ୍ଥାପନ କଲେ ଭଗବାନଙ୍କ ସଙ୍ଗେ ସହଜରେ ସମ୍ବନ୍ଧ ସ୍ଥାପିତ ହୁଏ । ମା'ଙ୍କ ମଧ୍ୟରେ ଅତିମାନସ ଦିବ୍ୟ ଭାଗବତୀ ଆଦ୍ୟାଶକ୍ତିଙ୍କର ଏବଂ ଭଗବାନଙ୍କର ହୋଇଛି ପୂର୍ଣ୍ଣ ପ୍ରକାଶ । ତା'ଛଡ଼ା ମା' ଓ ଭଗବାନ୍ ଏକ ତତ୍ତ୍ୱ । ମା'ଙ୍କୁ ପୂଜା କରିବା ଦ୍ୱାରା ସେହି ପୂଜା ଭଗବାନଙ୍କ ପାଖେ ସିଧା ପହଞ୍ଚେ ଏବଂ ଅତିମାନସ ଶକ୍ତିର ସଂସ୍ପର୍ଶ ସହଜରେ ମିଳେ ଏହାହିଁ ବିଶେଷତ୍ୱ । ତା'ଛଡ଼ା ଭଗବାନ୍ ସ୍ୱୟଂ ଶ୍ରୀମା ଶ୍ରୀଅରବିନ୍ଦଙ୍କ ରୂପେ ଅବତାର ନେଇ ପୃଥିବୀରେ ଅତିମାନସ ଜାତି ପ୍ରତିଷ୍ଠା, ପୃଥିବୀକୁ ଦିବ୍ୟ ସ୍ୱର୍ଗରେ ପରିଣତ କରିବା ସକାଶେ ଏହି ପୃଥିବୀକୁ ଆସି ରୂପାନ୍ତରକାରିଣୀ ଅତିମାନସ ମହାଶକ୍ତିକୁ ପୃଥିବୀରେ ପ୍ରତିଷ୍ଠା କରି ରୂପାନ୍ତର କାର୍ଯ୍ୟ ଆରମ୍ଭ କରିଛନ୍ତି । 'The Mother' ବହିରେ ଶ୍ରୀଅରବିନ୍ଦ ମାତୃଶକ୍ତିକୁ ସଂପୂର୍ଣ୍ଣ ରୂପେ ସମର୍ପଣ କରିବା ସକାଶେ ସ୍ପଷ୍ଟଭାବେ ବାରଂବାର କହିଅଛନ୍ତି । ରୂପାନ୍ତର କରିବେ ଅତିମାନସ ଶକ୍ତି । ଶ୍ରୀମା ଏବଂ ଅତିମାନସ ଶକ୍ତି ଏକତତ୍ତ୍ୱ ହୋଇଥିବାରୁ 'ମା' ଏହି ନାମ ଜପ କରି ମା'ଙ୍କୁ ସମର୍ପଣ କରିବା ଉଚିତ ।

## ସୁବର୍ଣ୍ଣ ଯୁଗ

ସଂସାରରେ ଯେତେବେଳେ କୌଣସି ସଂକଟ କାଳ ଆସେ, ଅନ୍ୟାୟ, ଅତ୍ୟାଚାର ବୃଦ୍ଧି ହୁଏ, ସେତେବେଳେ ଭଗବାନ୍ ସ୍ୱୟଂ ଅଥବା ତାଙ୍କ ବିଭୂତି ଅବତାର ନେଇ ଏହି ସଂସାରକୁ ଆସି ସମୟ-ଅନୁକୂଳ କୌଣସି ଅଧ୍ୟାତ୍ମ ମାର୍ଗ ଲୋକଙ୍କ ସମ୍ମୁଖରେ ରଖନ୍ତି ଏବଂ ମନୁଷ୍ୟର ଅଳ୍ପ ପ୍ରୟାସରେ ତାଙ୍କ ନିଜ ଶକ୍ତି ଦ୍ୱାରା ତାଙ୍କୁ ବହୁତ ଦୂର ଅଗ୍ରସର କରାଇ ଦିଅନ୍ତି, ଅର୍ଥାତ୍ ଗୋଟିଏ ଚେତନାରୁ ଆଉ ଗୋଟିଏ ନୂତନ ଚେତନାରେ ପହଞ୍ଚାଇ ଦିଅନ୍ତି । ଏହି ସମୟକୁ ସୁବର୍ଣ୍ଣ ସୁଯୋଗ କୁହାଯାଏ । ଅନ୍ୟ ସମୟରେ ବ୍ୟକ୍ତି ବହୁତ ବର୍ଷ ସାଧନାରେ ଯାହା କରି ପାରିଥାନ୍ତା, ଏ ସମୟରେ ବହୁତ ଅଳ୍ପ କାଳ ମଧ୍ୟରେ ତାହା କରିନିଏ । ଯେତେବେଳେ ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଶଙ୍କର, ରାମାନୁଜ, ଚୈତନ୍ୟ ମହାପ୍ରଭୁ ଆଦି ଆସିଥିଲେ ସେତେବେଳେ ସେହି ସୁବର୍ଣ୍ଣ ସୁଯୋଗ ଥିଲା । ସେ ସମୟରେ ହଜାର ହଜାର ନରନାରୀ ଅଳ୍ପ ପ୍ରୟାସରେ ତରି ଯାଇଥିଲେ । ସେମାନଙ୍କ ଶିକ୍ଷା ବର୍ତ୍ତମାନ ଅଛି । କିନ୍ତୁ ସେ ସମୟ ଚାଲିଯାଇଥିବାରୁ ସେମାନଙ୍କ ଶିକ୍ଷାରୁ ବ୍ୟକ୍ତି ସେ ସମୟ ସଦୃଶ ଲାଭବାନ୍ ହୋଇପାରୁ ନାହାନ୍ତି ।

ବର୍ତ୍ତମାନ ସଂକଟପୂର୍ଣ୍ଣ ପ୍ରାଣଘାତକ କାଳ ମନୁଷ୍ୟର ସମ୍ମୁଖରେ ଉପସ୍ଥିତ । ଅନ୍ୟାୟ ଅତ୍ୟାଚାରର ତାଣ୍ଡବ ନୃତ୍ୟ । ଏହି ମାରାତ୍ମକ ସମୟରୁ ଉଦ୍ଧାର ହେବାର ଏକମାତ୍ର ଉପାୟ ଭଗବତ୍ ଶକ୍ତିର ସାହାଯ୍ୟ । ସେହି ଭଗବତ୍ ଶକ୍ତିର ସାହାଯ୍ୟ ବ୍ୟକ୍ତିକୁ ସୁଲଭରେ ପ୍ରାପ୍ତ କରାଇବା ସକାଶେ ଶ୍ରୀମା ଓ ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ନିଜ ତପସ୍ୟାରେ ସେହି ଆଦ୍ୟା ସୃଜନୀ ଅତିମାନସ ଶକ୍ତିକୁ ପୃଥିବୀକୁ ଉତାରି ଆଣି କାର୍ଯ୍ୟ କରୁଅଛନ୍ତି ଯାହା ସାହାଯ୍ୟରେ ମନୁଷ୍ୟ ଜାତିକୁ ଏହି ବିପଦରୁ ରକ୍ଷା କରି ତାକୁ ବର୍ତ୍ତମାନ ଚେତନାରୁ ଗୋଟିଏ ଉଚ୍ଚତର ଚେତନାରେ ପହଞ୍ଚାଇ ଦେବେ । ଏ

ସମ୍ବନ୍ଧରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ବହୁତ ବିସ୍ତୃତ ଭାବେ ଆଲୋଚିତ ହୋଇଅଛି । ଏହି ବିଷୟ ସାଧାରଣ ବ୍ୟକ୍ତିଙ୍କ ବୋଧଗମ୍ୟ ସକାଶେ ବିଭିନ୍ନ ପତ୍ରପତ୍ରିକା ଏବଂ 'ଲୋକ-ସାହିତ୍ୟ' ପ୍ରକାଶିତ ହେଉଅଛି ଏବଂ ''ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'' ପ୍ରଥମ ଭାଗ, ଦ୍ୱିତୀୟ ଭାଗ ବହିରେ ସରଳ ଭାଷାରେ ଆଲୋଚନା କରାହୋଇଛି ।

ଶ୍ରୀମା ଶ୍ରୀଅରବିନ୍ଦ ମନୁଷ୍ୟଜାତିକୁ ଉନ୍ନତ ସ୍ତରକୁ ନେଇଯିବା ପାଇଁ ଯେଉଁ ପ୍ରଯତ୍ନ କରୁଛନ୍ତି, ସେଥିରେ ବ୍ୟକ୍ତିକୁ ମଧ୍ୟ କିଛି କାର୍ଯ୍ୟ କରିବାକୁ ହେବ । ବ୍ୟକ୍ତିର କାର୍ଯ୍ୟ ହେବ ଯେଉଁ ଅତିମାନସ ସୂର୍ଯ୍ୟ ଶ୍ରୀମା ଶ୍ରୀଅରବିନ୍ଦ ପୃଥିବୀକୁ ଉତାରି ଆଣି ଅଛନ୍ତି ତାହାର ପ୍ରକାଶକୁ ପ୍ରାପ୍ତ ହେବାକୁ ନିଜ ଦ୍ୱାର ଖୋଲି ରଖିବାକୁ ହେବ । ଯଦି ଦ୍ୱାର ବନ୍ଦ ରହେ ତେବେ ଅତିମାନସ ସୂର୍ଯ୍ୟ ବିଦ୍ୟମାନ ଥିବା ସତ୍ତ୍ୱେ ବି ନିଜ କୋଠରି ମଧ୍ୟରେ ତାହା ଅଧିକ ପ୍ରକାଶ ପାଇବ ନାହିଁ ଏବଂ ତାହା ଦ୍ୱାର ଭେଦକରି ଘର ଭିତରେ ପ୍ରବେଶ କରିବାକୁ ବହୁତ ସମୟ ଲାଗିଯିବ । କାରଣ ଅତିମାନସ ଶକ୍ତି ଅମୋଘ, ସେ ବ୍ୟର୍ଥ ହେବ ନାହିଁ । କିନ୍ତୁ ସମୟ ବହୁତ ଲାଗିବ । ଏହି ସମୟ କମ୍ କରିବା ସକାଶେ ଶ୍ରୀକୃଷ୍ଣଙ୍କ ଗୋବର୍ଦ୍ଧନ ଧାରଣ କରିବା ସମୟରେ ବୃନ୍ଦାବନବାସୀଙ୍କୁ ନିଜ ଲାଠି ଲଗାଇଦେବା ପରି ବ୍ୟକ୍ତିକୁ କିଛି ସାଧନା କରିବାକୁ ପଡ଼ିବ ।

ବର୍ତ୍ତମାନ ମନୁଷ୍ୟର କର୍ତ୍ତବ୍ୟ ହେଲା ନିଜକୁ ପ୍ରସ୍ତୁତ କରିବା, ଯେପରି ସେ ଶକ୍ତି ଆମ ଦ୍ୱାରକୁ ଆସି ପ୍ରବେଶ କରିବାକୁ ଅଧିକ ସମୟ ଅପେକ୍ଷା ନ କରେ । ପ୍ରସ୍ତୁତ କରିବାର ଦୁଇଟି ପ୍ରଣାଳୀ । ଗୋଟିଏ ହେଲା ମା'ଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ନିର୍ଭରତା ରଖିବା । ଅନ୍ୟଟି ହେଲା ଧ୍ୟାନ, ଅଭୀପ୍ସା ଓ ସମର୍ପଣ । ଏହି ଉଭୟ ପ୍ରଣାଳୀରେ ମା' ଏହି ନାମ ଜପ ଏକାନ୍ତ ଆବଶ୍ୟକ । ନାମଜପ ସହିତ ଏହି ଉଭୟ ପ୍ରଣାଳୀ ବହୁତ ସହଜ ହୁଏ ।

ଏ ଦୁଇଟି ପରସ୍ପର ସମ୍ବନ୍ଧିତ । ଗୋଟିଏ ଆସିଲେ ଅନ୍ୟଟି ନ ଆସି ରହି ପାରିବ ନାହିଁ । ଏହି ଦୁଇଟି ମଧ୍ୟରୁ ଯାହା ପକ୍ଷେ ଯାହା ଆରମ୍ଭରୁ ସୁଲଭ ହୋଇ ପାରେ ସେ ତାହାହିଁ କରିବେ । ମା'ଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ନିର୍ଭରତା ରଖିବାର ଉଦ୍ଦେଶ୍ୟ ହେଲା – ମା' ଅତିମାନସ ଚେତନାକୁ ଧାରଣ କରି ମନ, ପ୍ରାଣ, ଶରୀରାଦି ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତ କରିଅଛନ୍ତି । ଆମ୍ଭମାନଙ୍କର ମା'ଙ୍କ ପ୍ରତି ଶ୍ରଦ୍ଧା ଭକ୍ତି ହେଲେ, ତାଙ୍କ ସଙ୍ଗେ ସମ୍ବନ୍ଧ ସ୍ଥାପିତ ହେଲେ ଏହା ଭଗବାନଙ୍କ ସଙ୍ଗେ ହେବ, କାରଣ ଭଗବାନ୍ ଏବଂ ଶ୍ରୀମା ଏକ ତତ୍ତ୍ୱ । କିନ୍ତୁ ଭଗବାନଙ୍କୁ ଆମ୍ଭେମାନେ ଦେଖିପାରୁ ନାହିଁ, ମା'ଙ୍କୁ ଆମେ ଆମ ମଧ୍ୟରେ ପାଇଛୁ । ଏହି କାରଣରୁ ତାଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ କରିବା ଅତ୍ୟନ୍ତ ସହଜ ହୋଇଛି ।

ଏହି ସାଧନା ବ୍ୟକ୍ତିଗତରୂପେ ତଥା ସାମୂହିକରୂପେ ହେବା ଆବଶ୍ୟକ ଏବଂ ଉଭୟ ପ୍ରୟୋଜନୀୟ । ଏହାର ଉଦାହରଣ ଆଶ୍ରମ । ଆଶ୍ରମ ହେଉଛି ପ୍ରଧାନ କେନ୍ଦ୍ର । ଏହାରି ଅନୁରୂପ ପ୍ରତ୍ୟେକ ସହର, ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ଘର ଯଦି ହୁଏ, ତେବେ ସଂସାରରୁ ଦୁଃଖ ଦୁର୍ଦ୍ଦଶା ଅଳ୍ପ ସମୟରେ ଲୋପ ହେବ ଏବଂ ଭଗବାନ୍ ନିଜକୁ ସଂସାରରେ ପ୍ରକାଶ କରିବେ । ଅପେକ୍ଷା କରି ରହିଲେ ଚଳିବ ନାହିଁ । ନିଜେ ତତ୍ପରତା ସହ ସାଧନା ଆରମ୍ଭ କଲେ ପ୍ରତି ଗ୍ରାମରେ, ପ୍ରତି ଘରେ ସାଧନାଳୟ ହେବାର ସମୟ ଶୀଘ୍ର ଆସିବ ଏବଂ ସଂସାର ଆନନ୍ଦମୟ ହେବ ।

## କେନ୍ଦ୍ର ସ୍ଥାପନା

କେହି କେହି କହନ୍ତି ଶ୍ରୀଅରବିନ୍ଦଙ୍କ ଯୋଗ ବିଷୟରେ ଆମ୍ଭେ ନିଜେ ଭଲଭାବେ ଜାଣି ନାହୁଁ, ଗ୍ରାମରେ କେନ୍ଦ୍ର ପ୍ରତିଷ୍ଠା କରିବୁ କିପରି ?

ତୁମ୍ଭେ ଶିକ୍ଷା ଦେବାକୁ ଯାଉ ନାହଁ କିଂବା ଗୁରୁ ହେଉ ନାହଁ । ତୁମ୍ଭର ଜାଣିବା ନ ଜାଣିବା, ଯୋଗ୍ୟତା ଅଯୋଗ୍ୟତାରେ କିଛି ଯାଏ ଆସେ ନାହିଁ । ସମସ୍ତେ ମିଶି ସେହି ସତ୍ୟ ପ୍ରାପ୍ତ ହେବାକୁ ପ୍ରଯତ୍ନ କରିବା । ଯେଉଁ ସତ୍ୟ ଆସିଛି ତା'ର କେନ୍ଦ୍ର ମା' । ପରୋକ୍ଷ ଭାବେ ମା' ପ୍ରତ୍ୟେକ ବ୍ୟକ୍ତିକୁ ପରିଚାଳନା କରୁଛନ୍ତି । କେହି ଯଦି ମନେ କରେ, ''ମୁଁ ଜାଣିବା ପରେ, କିଛି ଯୋଗ୍ୟତା ପ୍ରାପ୍ତ ହେବା ପରେ କିଛି କରିବି ବା କହିବି'' ତେବେ ଏହା କେବଳ ନିଜର

ଅହଂକାର ଛଡ଼ା ଅନ୍ୟକିଛି ନୁହେଁ । ଏହିପରି ଧାରଣାରେ କେବଳ ପ୍ରତୀକ୍ଷା କରି ରହିବାରେ ସମୟ ବ୍ୟୟିତ ହୋଇଯିବ । ଆମେ କିଛି କରିପାରିବା ନାହିଁ । ନିଜକୁ ଯୋଗ୍ୟ ମନେ କରିବା ଓ ଅଯୋଗ୍ୟ ମନେ କରିବା – ଏହି ଉଭୟ ଭାବ ଏକେବାରେ ଅହଂପ୍ରସୂତ । ଉଭୟର ମୂଳ ହେଉଛି ''ମୁଁ'', ''ମୁଁ'' ଯୋଗ୍ୟ, ''ମୁଁ'' ଅଯୋଗ୍ୟ । ଆରମ୍ଭରୁ ଏହି ଉଭୟ ଭାବର ଉର୍ଦ୍ଧ୍ୱକୁ ଉଠିବାକୁ ହେବ । ''ଆମ୍ଭେ ଯେପରି ହେଉ ତୋ'ର । ଆମ ଭିତରେ ତୋ ଶକ୍ତି କାର୍ଯ୍ୟ କରୁ । ତୋ ସଂକଳ୍ପ ଏହି ଶରୀରରେ କାର୍ଯ୍ୟକାରୀ ହେଉ ।'' ଏହିପରି ଭାବ ରଖିବା ଦ୍ୱାରା ମା'ଙ୍କ ଶକ୍ତି ବ୍ୟକ୍ତି ମଧ୍ୟରେ କାର୍ଯ୍ୟ କରିବ ଏବଂ ଯେଉଁ କାର୍ଯ୍ୟ ସକାଶେ ଯାହା ଆବଶ୍ୟକ ହେବ ମା' ତାହା ଅବଶ୍ୟ ଦେବେ । ''ମୋ ଦ୍ୱାରା କିଛି ହେବ ନାହିଁ, ମୁଁ ଜାଣେ ନାହିଁ, ମୁଁ କ'ଣ ଅନ୍ୟକୁ କହିବି ?'' – ଏହି ଭାବ ତାମସିକ ଅହଂକାର । ଏହାକୁ ଅବଶ୍ୟ ବର୍ଜନ କରିବାକୁ ହେବ । ଏହା ସଙ୍ଗେ ସଙ୍ଗେ ''କିଛି କହି ଲୋକଙ୍କର କଲ୍ୟାଣ କରିବୁ'' – ଏ ଭାବ ମଧ୍ୟ ମା'ଙ୍କ ଚରଣରେ ପୂର୍ଣ୍ଣତଃ ସମର୍ପଣ କରିବାକୁ ହେବ ।

ଯେଉଁମାନେ ଶ୍ରୀଅରବିନ୍ଦଙ୍କ ସାହିତ୍ୟରେ କିଛି ପରିଚିତ ଅଥବା ସାଧନା କରିବାକୁ ଚାହାନ୍ତି, ସେମାନେ ନିଜ ଗ୍ରାମରେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଏକତ୍ର ହୋଇ ପ୍ରଥମରେ ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନ ସମ୍ବନ୍ଧୀୟ ପୁସ୍ତକ ଘଣ୍ଟାଏ ପଢ଼ନ୍ତୁ, ପରେ ଧ୍ୟାନ କରନ୍ତୁ । ଯେଉଁ ଗ୍ରାମରେ ଦୁଇଜଣ ସଦସ୍ୟ ହେବେ, ସେଠାରେ ଗୋଟିଏ କେନ୍ଦ୍ର ଆରମ୍ଭ କରାଯାଇପାରେ । ପରେ କ୍ରମଶଃ ବଢ଼ିବେ । କେନ୍ଦ୍ରର ସଦସ୍ୟମାନେ ନିୟମିତରୂପେ ନିଜ ନିଜ ଘରେ କିଛି ସମୟ ଧ୍ୟାନ କରିବେ, ନିରନ୍ତର ନାମଜପ କରିବାକୁ ଚେଷ୍ଟା କରିବେ ଏବଂ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ପାଠ କରିବେ । ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଯୋଗ ସମ୍ବନ୍ଧରେ କିଛି ଜାଣନ୍ତି, ସେମାନଙ୍କୁ ନିଜ ସନ୍ଦେହ ସମ୍ବନ୍ଧେ ପଚାରିପାରନ୍ତି ଅଥବା ଏଠାକୁ ସିଧା ପତ୍ର ଦେଇପାରନ୍ତି ।

କେନ୍ଦ୍ର ହେବା ଦ୍ୱାରା ଗ୍ରାମରେ ଗୋଟିଏ ଭଲ ବାତାବରଣ ସୃଷ୍ଟି ହୁଏ । ବ୍ୟକ୍ତି ଉପରେ ତାହାର ପ୍ରଭାବ ପଡ଼େ, ଘରେ ମଧ୍ୟ ତାହାର ପ୍ରଭାବ ପଡ଼େ । ଛୋଟ ଅବସ୍ଥାରୁ ବାଳକ ବାଳିକାମାନଙ୍କ ଚେତନା ପରିବର୍ତ୍ତନ ହେବାକୁ ଆରମ୍ଭ କରେ । ନିଜେ ବ୍ୟକ୍ତିଗତଭାବେ ସାଧନା କରିବା ଅପେକ୍ଷା ସାମୂହିକଭାବେ କେନ୍ଦ୍ରସ୍ଥାପନ କରି ସାଧନା କଲେ ଅନ୍ୟର କେବଳ କଲ୍ୟାଣ ହୁଏ ନାହିଁ, ବରଂ ସମସ୍ତଙ୍କ ଚେତନାର ଶୀଘ୍ର ପରିବର୍ତ୍ତନ ହୁଏ । ଏହା ଓଡ଼ିଶାରେ ନୂଆ ନୁହେଁ । ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସମୟରେ ପ୍ରତି ଗ୍ରାମରେ କୀର୍ତ୍ତନ ହେଉଥିଲା । ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗିରେ ପୁରାଣଚର୍ଚ୍ଚା ହେଉଥିଲା । ବର୍ତ୍ତମାନ ସେହିପରି ନୂତନ ଧରଣର ହେବ । ବର୍ତ୍ତମାନ ସମୟରେ ଏହାହିଁ ଆବଶ୍ୟକ ।

## କେନ୍ଦ୍ରର ସାଧାରଣ ନିୟମ

(୧) ଗ୍ରାମ ମଧ୍ୟରେ କୌଣସି ସ୍ୱତନ୍ତ୍ର ଘରେ ମା' ଓ ଶ୍ରୀଅରବିନ୍ଦଙ୍କର ଫଟୋ ସ୍ଥାପନ କରି ପ୍ରତିଦିନ ପୁଷ୍ପ ଅର୍ପଣ କରିବେ ଓ ଧୂପ ଦେବେ ।

(୨) ଯେଉଁମାନେ ସଦସ୍ୟ ହେବେ, ସେମାନେ ନିୟମିତ ଭାବେ ରାତିରେ ଶୋଇବା ସମୟରେ ନିଜ ବିଛଣାରେ ଏବଂ ଉଠିବା ସମୟରେ ସେହି ବିଛଣାରେ ବସି କିଛି ସମୟ ନାମଜପ ସହିତ ଧ୍ୟାନ କରି ପ୍ରାର୍ଥନା ଓ ସମର୍ପଣ କରି ଉଠି ନିଜ ନିଜ କାର୍ଯ୍ୟରେ ଯିବେ । ସ୍ନାନ କରିବା ପରେ ୧୫-୨୦ ମିନିଟ୍ ଧ୍ୟାନ କରିବେ । ଅନ୍ୟ କୌଣସି ସମୟରେ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଅଧ୍ୟୟନ କରିବେ । ସ୍ନାନ ଇତ୍ୟାଦି ସମସ୍ତ କର୍ମ କରିବା ସମୟରେ ନାମଜପ କରୁଥିବେ ।

(୩) ଘରର ପ୍ରତ୍ୟେକ କାର୍ଯ୍ୟ ଓ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକୁ ନାମଜପ ସହିତ ମା'ଙ୍କ ସେବାରୂପେ କରିବେ । କାରଣ ପ୍ରକୃତରେ ଘର, ପରିବାର, ଧନ, ସବୁ ମା'ଙ୍କର । ମନୁଷ୍ୟ କେବଳ ଅହଂଭାବାପନ୍ନ ହୋଇ କହେ ମୋର ।

(୪) ଯେଉଁମାନେ ଧ୍ୟାନ କରି ନ ପାରନ୍ତି, ସେମାନେ କେବଳ ମା'ଙ୍କ ନାମଜପ କରି ତାଙ୍କ ପ୍ରତି ଶ୍ରଦ୍ଧାଭକ୍ତି ରଖି ଘରର କାର୍ଯ୍ୟ ଭଗବାନଙ୍କ ସେବା ଭାବରେ କଲେ ଆବଶ୍ୟକ ସାଧନାପ୍ରଣାଳୀ ଆସିଯିବ ।

(୫) ଫେବ୍ରୁଆରି ୨୧ ତାରିଖ ମା'ଙ୍କ ଜନ୍ମଦିନ, ଅପ୍ରେଲ୍ ୨୪ ତାରିଖ ମା'ଙ୍କର ସ୍ଥାୟୀଭାବେ ଆଶ୍ରମରେ ରହିବାର ଦିନ, ଅଗଷ୍ଟ ୧୫ ତାରିଖ ଶ୍ରୀଅରବିନ୍ଦଙ୍କ ଜନ୍ମଦିନ, ନଭେମ୍ବର ୨୪ ତାରିଖ ମା' ଏବଂ ଶ୍ରୀଅରବିନ୍ଦଙ୍କର ସିଦ୍ଧି ଦିବସ । ଏହି ଦିନମାନଙ୍କରେ ମା' ଦର୍ଶନ ଦେଉଥିଲେ । ଏହି ଦିନମାନଙ୍କରେ ଆଶ୍ରମରେ ସକାଳ ଘ୬ଣ୍ଟା ସମୟରେ ସାମୂହିକ ଧ୍ୟାନ ହୁଏ । ଏହି ସମୟରେ କେନ୍ଦ୍ରରେ ସମସ୍ତେ ଏକତ୍ର ଧ୍ୟାନ କରିବେ । ଆଉ ସନ୍ଧ୍ୟା ସମୟରେ ଏକତ୍ର ହୋଇ ଶ୍ରୀଅରବିନ୍ଦ ସାହିତ୍ୟ ଆଲୋଚନା କରିବେ । ଏହିସବୁ ଦିନରେ ସାଧାରଣ ଦିନ ଅପେକ୍ଷା କିଛି ଅଧିକଭାବେ ଉତ୍ସବ କରିବା ଉଚିତ ।

(୬) ଛାତ୍ରଛାତ୍ରୀମାନେ ଏହି ଉପରିଲିଖିତ ନିୟମ ଅନୁସାରେ ଛାତ୍ରସମାଜ ପ୍ରତିଷ୍ଠା କରିବେ ।

*

ସାଂସାରିକ ଜୀବନରେ ସୁଖ ପାଇବାର କେବଳ ଗୋଟିଏ ମାତ୍ର ଉପାୟ ଅଛି, ତାହା ହେଲା ଜୀବନ ଏବଂ ଜୀବନର କର୍ମସକଳକୁ ଅନ୍ତରସ୍ଥ ଭଗବାନଙ୍କୁ, ସର୍ବୋତ୍ତମ ଈଶ୍ୱରଙ୍କୁ ବା ପରାଜନନୀଙ୍କୁ ନିବେଦନ କରିବା ।

— ଶ୍ରୀଅରବିନ୍ଦ

ସଂସାର-ଜୀବନ ସ୍ୱଭାବତଃ ବିକ୍ଷୋଭର କ୍ଷେତ୍ର । ତାହା ମଧ୍ୟରେ ଯଥାଯଥ ଭାବରେ ଚାଲିବାକୁ ହେଲେ ମନୁଷ୍ୟକୁ ନିଜ ଜୀବନ ଓ କର୍ମାବଳୀକୁ ଭଗବାନଙ୍କ ଚରଣରେ ଅର୍ପଣ କରିବାକୁ ହେବ ଏବଂ ଅନ୍ତରରେ ଭଗବାନଙ୍କର ସ୍ଥିର ଶାନ୍ତି ସକାଶେ ପ୍ରାର୍ଥନା କରିବାକୁ ହେବ ।

— ଶ୍ରୀଅରବିନ୍ଦ

ମୋର ପ୍ରେମ ସବୁବେଳେ ତୋ ସହ ରହିଛି, ତା' ସତ୍ତ୍ୱେ ତୁ ଯଦି ଏହାକୁ ଅନୁଭବ କରିପାରୁ ନ ଥାଉ, ତେବେ ତା'ର କାରଣ ହେଉଛି ତୁ ଏହାକୁ ଗ୍ରହଣ କରିବା ନିମନ୍ତେ ସକ୍ଷମ ଅବସ୍ଥାରେ ନାହୁଁ । ତୋ ମଧ୍ୟରେ ଯେଉଁ କଥାର ଅଭାବ ରହିଛି ତା' ହେଉଛି ତୋର ଗ୍ରହଣଶୀଳତା, ଆଉ ଏହି ଗ୍ରହଣଶୀଳତାକୁ ତୁ ବୃଦ୍ଧି କରିବା ଉଚିତ । ଏଥିପାଇଁ ତୋତେ ନିଜକୁ ଖୋଲି ଧରିବାକୁ ବା ଉନ୍ମୀଳିତ କରିବାକୁ ହେବ । ଏହି ଉନ୍ମୀଳନ ଆସିଥାଏ କେବଳ ଯଦି ଆମେ **ଆମ ନିଜକୁ** ଦେଇ ଦେଉ । ଏକଥା ନିଶ୍ଚିତ ଯେ କମ୍ ହେଉ ବା ବେଶୀ ହେଉ ସଚେତନଭାବେ ତୁ ସେହି ଶକ୍ତି ତଥା ଦିବ୍ୟପ୍ରେମକୁ ନିଜ ଆଡ଼କୁ ଆକର୍ଷଣ କରିବା ଲାଗି ଚେଷ୍ଟା କରୁଛୁ । ଏହା ଏକ ଖରାପ ପ୍ରଣାଳୀ । କୌଣସି କିଛି ହିସାବ ନ କରି ଓ ପ୍ରତିଦାନରେ କିଛି ଆଶା ନ କରି ନିଜକୁ ଦେଇଦିଅ, ତା'ହେଲେ ତୁମେ ଗ୍ରହଣ କରିବା ଲାଗି ସକ୍ଷମ ହେବ ।

— ଶ୍ରୀମା